## ଜମି ମାପଚୁପକୁ କେନ୍ଦ୍ରକରି ଗାଁରେ ଉତ୍ତେଜନା

# ପୁଲିସ ଓ ପ୍ରଶାସନ ସହ ଧସ୍ତାଧସ୍ତି, ୫ରୁ ଅଧିକ ମହିଳା ଆହତ

ଚନ୍ଦନେଶ୍ୱର, ୪।୬ (ସମିସ)



- ଜଳେଶ୍ୱର ଏସଡିପିଓଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡ଼ିଲା ପରିସ୍ଥିତି
- ଅମିନଙ୍କ ଦ୍ୱାରା ଜମି ଚିହ୍ନଟ

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କାନ୍ଥଭଉଁରୀ ଗ୍ରାମରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏକ ଜମି ବିବାଦ ଗୁରୁବାର ଉଗ୍ର ରୂପ ନେଇଥିଲା। ବିବାଦୀୟ ଜମି ମାପ ଏବଂ ଚିହ୍ନଟ କରିବାକୁ ପହଞ୍ଚିଥିବା ପ୍ରଶାସନିକ ଟିମ୍ ଓ ପାତ୍ର ପରିବାରର ମହିଳାମାନଙ୍କ ମଧ୍ୟରେ ତୀବ୍ର ବିରୋଧ, ଯୁକ୍ତିତର୍କ ଓ ଧସ୍ତାଧସ୍ତି ଘଟିଥିଲା। ଏହି ଘଟଣାରେ ୫ରୁ ଅଧିକ ମହିଳା ଆହତ ହୋଇଥିବାବେଳେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ହସ୍ତକ୍ଷେପ କଲା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଏବଂ ଅମିନଙ୍କ ଜରିଆରେ ଜମି ଚିହ୍ନଟ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସୂଚନା ଅନୁଯାୟୀ, କାନ୍ଥଭଉଁରୀ ଗ୍ରାମର ବାସିନ୍ଦା ସ୍ୱର୍ଗତ ତ୍ରିଲୋଚନ ପାତ୍ରଙ୍କ ତିନି ପୁଅ ରମେଶ ଚନ୍ଦ୍ର ପାତ୍ର, ରାଖାଲ ପାତ୍ର ଓ ରମାକାନ୍ତ ପାତ୍ର ପ୍ରାୟ ପାଞ୍ଚ ଦଶନ୍ଧି ଧରି ଉକ୍ତ ଜମିରେ ବସବାସ କରିଆସୁଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାମର ଶ୍ରୀହରି ଜେନା ସେମାନଙ୍କୁ ଚାରୋଟି ପ୍ଲଟରୁ ପ୍ରାୟ ଦୁଇ ଏକର ଜମି ବିକ୍ରି କରିବା ପାଇଁ ଷ୍ଟାମ୍ପ ପେପରରେ ଏକ ଚୁକ୍ତି କରି ୨ ଲକ୍ଷ ୭୫ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। କିନ୍ତୁ ଚୁକ୍ତି ହେବାର କିଛି ମାସ ପରେ ଶ୍ରୀହରି ଜେନାଙ୍କ ମୃତ୍ୟୁ ହୋଇଯାଇଥିଲା। ଅଭିଯୋଗ ମୁତାବକ ପରବର୍ତ୍ତୀ ସମୟରେ ତାଙ୍କ ପୁଅମାନେ ଉକ୍ତ ଜମିକୁ ଅଧିକ ମୂଲ୍ୟରେ ଗ୍ରାମର ଯତୀନ୍ଦ୍ର ସାହୁଙ୍କୁ ବିକ୍ରି କରିଦେଇଥିଲେ। ଫଳରେ ଦୀର୍ଘ ବର୍ଷ ଧରି ସେହି ଜାଗାରେ ଘରଦ୍ୱାର ନିର୍ମାଣ କରିବା ସହ ପାନ ବରଜ କରି ବସବାସ କରୁଥିବା ପାତ୍ର ପରିବାର ଅନିଶ୍ଚିତତା ମଧ୍ୟରେ ପଡ଼ିଯାଇଛନ୍ତି। ନ୍ୟାୟ ପାଇଁ ସେମାନେ ଅଦାଲତ, ତହସିଲ ଓ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ, ଯତୀନ୍ଦ୍ର ସାହୁ ମଧ୍ୟ ଜମି ଦଖଲ ପାଇଁ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ବିବାଦୀୟ ଜମିର ଚିହ୍ନଟ ପାଇଁ ତହସିଲ ପ୍ରଶାସନକୁ ଦାୟିତ୍ୱ ଦେଇଥିଲା। ପୂର୍ବରୁ ଦୁଇଥର ଜମି ଚିହ୍ନଟ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ପାତ୍ର ପରିବାରର ବିରୋଧ ଯୋଗୁଁ କାର୍ଯ୍ୟ ସଫଳ ହୋଇପାରିନଥିଲା। ଗୁରୁବାର ପୁଣିଥରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା, ତହସିଲ ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ, କମର୍ଦ୍ଦା ଥାନା ଅଧିକାରିଣୀ ଅର୍ପିତା ପ୍ରିୟଦର୍ଶିନୀ, ତାଳସାରି ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ଓ ଅମିନଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପାତ୍ର ପରିବାରର ମହିଳା ଓ ପୁରୁଷ ସଦସ୍ୟମାନେ ବାଉଁଶ ତାଟିରେ ତାଲା ପକାଇ ପ୍ରଶାସନିକ ଅଧିକାରୀମାନଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ। ଦୀର୍ଘ ସମୟ ଧରି ଉଭୟପକ୍ଷ ମଧ୍ୟରେ ବାକ୍ ବିତଣ୍ଡା ଚାଲିଥିଲା। ପରେ ପ୍ରଶାସନ ପକ୍ଷରୁ କିଛି ଗଛ କାଟି ଏବଂ ବାଡ଼ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରାଯିବାରୁ ପରିସ୍ଥିତି ଉତ୍ତପ୍ତ ହୋଇଯାଇଥିଲା। ମହିଳାମାନେ ଏହାର ତୀବ୍ର ବିରୋଧ କରିବା ସହ ପ୍ରଶାସନକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହାପରେ ଧସ୍ତାଧସ୍ତି ଘଟିଥିଲା। ଏହି ଘଟଣାରେ ଭାରତୀ ପାତ୍ର (୫୮), ଶର୍ମିଷ୍ଠା ପାତ୍ର (୩୦), ତୁଳସୀ କୁଅଁର, ରୂପାଲୀ ପାତ୍ର (୩୩), କଳ୍ପନା ପାତ୍ର (୩୩) ଓ ଭାରତୀ ଜେନା (୩୨)ଙ୍କ ସମେତ ୫ରୁ ଅଧିକ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ପାତ୍ର ପରିବାର ସହ ଆଲୋଚନା କରିଥିଲେ। ତାଙ୍କ ବୁଝାସୁଝା ଓ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ତାଙ୍କ ଉପସ୍ଥିତିରେ ରାଜସ୍ୱ ବିଭାଗର ଅଧିକାରୀ ଓ ଅମିନ ବିବାଦୀୟ ଜମିର ମାପ ଓ ଚିହ୍ନଟ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଘଟଣା ପରେ ଏସଡିପିଓ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିବାଦର ସ୍ଥାୟୀ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ନେଇ ଥାନାରେ ଏକ ବୈଠକ ଆୟୋଜନ କରାଯିବ। ତେବେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ଏହି ଜମି ବିବାଦର ଅନ୍ତିମ ସମାଧାନ କେବେ ହେବ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

## ପର୍ଯ୍ୟଟକ ଗାଡ଼ି ଧକ୍କାରେ ବାଛୁରୀ ମୃତ

ଚନ୍ଦନେଶ୍ୱର, ୪।୬ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ଇକୋ ଟୁରିଜିମ ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପଶ୍ଚିମବଙ୍ଗରୁ ଆସିଥିବା କିଛି ପର୍ଯ୍ୟଟକଙ୍କ ଗାଡ଼ି ଧକ୍କାରେ ଏକ ବାଛୁରୀର ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏକ କାରରେ ଚାରିଜଣ ବଙ୍ଗୀୟ ପର୍ଯ୍ୟଟକ ବିଚିତ୍ରପୁର ଇକୋ ଟୁରିଜିମ ବୁଲିବା ପାଇଁ ଆସିଥିଲେ। ସେମାନେ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିବା ପରେ ଅପରାହ୍ନ ପ୍ରାୟ ୧ ଟା ବେଳେ ପାର୍କିଂ ସ୍ଥାନରୁ ଗାଡ଼ି ନେଇ ଫେରୁଥିଲେ। ଏହି ସମୟରେ ପାର୍କିଂ ଅଞ୍ଚଳ ନିକଟରେ ଶୋଇଥିବା ଏକ ଛୋଟ ବାଛୁରୀ ଉପରେ ଗାଡ଼ିଟି ଚଢ଼ି ଯାଇଥିଲା। ଗୁରୁତର ଆଘାତ ପାଇ ବାଛୁରୀଟି ଘଟଣାସ୍ଥଳରେ ପ୍ରାଣ ହରାଇଥିଲା। ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ପୁଲିସର ହସ୍ତକ୍ଷେପ ପରେ ୨୦ ହଜାର ଟଙ୍କା କ୍ଷତିପୂରଣ ଦେଇ ମାମଲାର ସମାଧାନ କରାଯାଇଥିଲା।

## ଏକାଧିକ ଦୋକାନରୁ ଚୋରି ଅଭିଯୋଗ

ସୋର, ୪।୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱରଠାରେ ଥିବା ପ୍ରାୟ ୫ରୁ ଊର୍ଦ୍ଧ୍ୱ ଦୋକାନରୁ ଚୋରି ହୋଇଛି। ଏହି ସ୍ଥାନରେ ଥିବା 'ଦ ମୋବାଇଲ ୱାଲଡ' ନାମକ ମୋବାଇଲ ସୋରୁମର ସଟର ତାଡି ତାଲା ଭାଙ୍ଗି ମୋବାଇଲ ସହ ମୋବାଇଲ୍ ସାମଗ୍ରୀ ଚୋରି ହୋଇଛି। ସେହିପରି ରବୀନ୍ଦ୍ର ସାହୁଙ୍କ ଭେରାଇଟି ଷ୍ଟୋର, ବିଜୟ ସାହୁ ଙ୍କ ଫଳ ଦୋକାନ ଏବଂ ପଙ୍କଜ ଖୁଣ୍ଟିଆଙ୍କ ପରିବାର ଦୋକାନରୁ ବିଭିନ୍ନ ସାମଗ୍ରୀ ସହ, ପରିବା, ଥଣ୍ଡା ପାନୀୟ, ଦହି, କ୍ଷୀର ଏବଂ ଫଳ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ହୋଇଛି। ନିକଟରେ ଥିବା 'ସୋନା ମୋବାଇଲ' ଦୋକାନରୁ ଚୋର ମାନେ ସଟର ତାଡି ଚୋରି ଉଦ୍ୟମ କରିବା ସହ ଏକ ବାଇକର ଚାବି ଭାଙ୍ଗି ଚୋରି କରିବାକୁ ବିଫଳ ହୋଇଥିଲେ। ଏ ନେଇ 'ଦ ମୋବାଇଲ ୱାର୍ଲଡ'ର ମାଲିକ ସରୋଜ ଭୂୟାଁଙ୍କ ସହ ଅନ୍ୟ ମାନେ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଛି। ବାରମ୍ବାର ସୋରରେ କିଛି ମାସ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିଥିବା ବେଳେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସ୍ଥାନୀୟ ଲୋକେ ବିଳମ୍ବିତ ରାତିରେ ପୋଲିସ୍ ପେଟ୍ରୋଲିଂ ସହ ଚୋରକୁ ଧରିବା ପାଇଁ ଦାବି କରୁଛନ୍ତି।

## ବାଲେଶ୍ୱର ଷ୍ଟେସନର ପଶ୍ଚିମ ପ୍ରବେଶ ପଥ ଦୁଇ ମାସ ପାଇଁ ବନ୍ଦ

- ଯାତ୍ରୀଙ୍କ ଯିବାଆସିବା ଉପରେ କଟକଣା ଜାରି
- ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ନିଷ୍ପତ୍ତି

ବାଲେଶ୍ୱର, ୪।୬ (ସମିସ): ଯାତ୍ରୀଙ୍କ ସୁବିଧା ଏବଂ ଷ୍ଟେସନ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ନୂତନ ଫୁଟ୍ ଓଭର ବ୍ରିଜ୍ (ଏଫ୍‌ଓବି) ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ଷ୍ଟେସନର ଭଦ୍ରକ ପାର୍ଶ୍ୱରେ ନୂତନ ଫୁଟ୍ ଓଭର ବ୍ରିଜ୍‌ର ଲଞ୍ଚିଂ କାର୍ଯ୍ୟ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟ ସମୟରେ ସୁରକ୍ଷାଜନିତ କାରଣରୁ ବାଲେଶ୍ୱର ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ (ପଶ୍ଚିମ ପାର୍ଶ୍ୱ) ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ କିମ୍ବା ନୂତନ ଫୁଟ୍ ଓଭର ବ୍ରିଜ୍ ଚାଲୁ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ପାଇଁ ବନ୍ଦ ରହିବ। ଏହି ସମୟ ମଧ୍ୟରେ ପଶ୍ଚିମ ପ୍ରବେଶ ପଥ ଦେଇ ଯାତ୍ରୀମାନଙ୍କର ଆସିବା ଓ ଯିବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ରହିବ। ରେଳ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥରେ ଥିବା ଟିକେଟ୍ (ୟୁଟିଏସ୍) ବୁକିଂ କାଉଣ୍ଟର ଏହି ଅବଧିରେ ବନ୍ଦ ରହିବ। ତେବେ ସେଠାରେ ଥିବା ସଂରକ୍ଷିତ ଟିକେଟ୍ (ପିଆରଏସ୍) କାଉଣ୍ଟର ପୂର୍ବବତ୍ କାର୍ଯ୍ୟକ୍ଷମ ରହିବ ଏବଂ ଯାତ୍ରୀମାନେ ଏହାର ସୁବିଧା ପାଇପାରିବେ। ଏହି ସମୟ ମଧ୍ୟରେ ଯାତ୍ରୀମାନଙ୍କୁ ଷ୍ଟେସନ ପରିସର, ପ୍ଲାଟଫର୍ମ ଓ ଅନ୍ୟାନ୍ୟ ରେଳ ସେବାର ସୁବିଧା ନେବା ପାଇଁ ମୁଖ୍ୟ ପ୍ରବେଶ ପଥ ବ୍ୟବହାର କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି। ଅସ୍ଥାୟୀ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରାଯାଇଥିବା ବେଳେ ଯାତ୍ରୀ ଓ ସାଧାରଣ ଲୋକଙ୍କ ସହଯୋଗ କାମନା କରିଛି ଖଡ଼ଗପୁର ରେଳ ମଣ୍ଡଳ।

## ନାଗ ପାଇଁ ରାଜପଥ ଜାମ୍



ରାଜଘାଟ, ୪।୬ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ସନ୍ତୋଷପୁର ଛକ ନିକଟରେ ଆଜି ସନ୍ଧ୍ୟା ସମୟରେ ଏକ ବିରାଟ ନାଗ ସାପ ରାସ୍ତା ମଝିରେ ଚାଲିଆସିବାରୁ ରାଜପଥ ଜାମ ହୋଇଯାଇଥିଲା। ଜଳେଶ୍ୱରରୁ ବାଲେଶ୍ୱର ଯାଉଥିବା ରାସ୍ତା ର ଆଜି ସନ୍ଧ୍ୟା ୭ଟା ୩୦ରେ କୌଣସି ସ୍ଥାନରୁ ଏକ ନାଗ ସାପ ରାସ୍ତା ଉପରକୁ ଚାଲିଆସିଥିଲା। ହଠାତ ବଡ଼ ସାପ ଦେଖି ଆଗରେ ଯାଉଥିବା ଟ୍ରକ ଡ୍ରାଇଭର ବ୍ରେକ ମାରିଦେବାରୁ ପଛରେ ଗାଡ଼ି ଧାଡି ଲାଗିଯାଇଥିଲା। ସାପଟି ଭୟରେ ଫଣା ଟେକି ରହିବାରୁ କେହି ଆଗକୁ ବଢ଼ିବାକୁ ସାହସ କରି ନ ଥିଲେ। ରାସ୍ତା ଉପରେ ନାଗ ସାପ ଖବର ପାଇ ସ୍ଥାନୀୟ ଲୋକେ ଦୌଡି ଆସି, ସାପକୁ ରାସ୍ତାରୁ ବାଡ଼ିଦ୍ୱାରା ଅପସରାଇ ରାଜପଥରେ ଯାନବାହାନ ଯିବା ଆସିବା ସ୍ୱାଭାବିକ କରିଥିଲେ।

## ମାସ ପକ୍ଷରୁ ସାଇକଲ ଶୋଭାଯାତ୍ରା



ବାଲେଶ୍ୱର, ୪।୬ (ସମିସ): ମାନବ ଅଧିକାର ସୁରକ୍ଷା ସଂସଦ (ମାସ୍) ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରୁ ଏକ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଛି। ପରିବେଶ ସୁରକ୍ଷା ଏବଂ ସୁସ୍ଥ ଶରୀରର ବାର୍ତ୍ତା ନେଇ ଆୟୋଜିତ ଏହି ସାଇକେଲ ରାଲି ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତା ପରିକ୍ରମା କରିଥିଲା। ସଂସଦର ସଦସ୍ୟମାନେ ସହରବାସୀଙ୍କୁ ସାଇକେଲ ଚାଳନାର ମହତ୍ତ୍ୱ ବୁଝାଇବା ସହ ଏହାକୁ ଦୈନନ୍ଦିନ ଜୀବନରେ ଆପଣାଇବାକୁ ଅନୁରୋଧ କରିଛନ୍ତି। ଦେଶରେ ଦିନକୁ ଦିନ ବଢୁଥିବା ତୈଳ ଦର ଏବଂ ଜୀବନଶୈଳୀ ଜନିତ ଶାରୀରିକ ଅସୁସ୍ଥତାକୁ ଦୂର କରିବାରେ ସାଇକେଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି 'ମାସ୍'ର ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି। କେବଳ ସାଇକେଲ ଚାଳନା ନୁହେଁ ବରଂ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ଲାଷ୍ଟିକକୁ ବ୍ୟାନ କରିବା ପାଇଁ ନାରା ଦେଇ ସଂସଦ ପକ୍ଷରୁ ସାଧାରଣ ଲୋକଙ୍କୁ କପଡ଼ାରେ ତିଆରି ବ୍ୟାଗ୍ ବଣ୍ଟନ କରାଯାଇଛି। ପଲିଥିନ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରି ପରିବେଶକୁ ସୁରକ୍ଷିତ ରଖିବାକୁ 'ମାସ୍' ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଛି।

## ଖଇରା ଥାନାରେ ରାତି ଅଧିଆ ବାଲି, ପଥର ନିଲାମ

ଖଇରା, ୪।୬(ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନାରେ ବର୍ଷ ବର୍ଷ ଧରି ଜବତ ହୋଇ ପଡ଼ିରହିଥିବା ବାଲି ପଥର ଓ ମାଙ୍କଡା ନିକଟରେ କୋର୍ଟ ନିର୍ଦ୍ଦେଶରେ ନିଲାମ କରାଯାଇଛି। ହେଲେ ଏହି ନିଲାମ ସରକାରୀ ଗାଇଡଲାଇନକୁ ଉଲ୍ଲଙ୍ଘନ କରି କରାଯାଇଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି। ସର୍ବସାଧାରଣରେ ଠିକ ଢଙ୍ଗରେ ନୋଟିସ

**୬ ଲକ୍ଷ ଟଙ୍କାର ମାଲ ୪୦ ହଜାରରେ ଖଲାସ !**



କରି କରାଯାଇନଥିବାରୁ ଏବେ ସାଧାରଣରେ ଖଣି ଓ ପୁଲିସର କାର୍ଯ୍ୟ ସନ୍ଦେହ ସୃଷ୍ଟି କରିଛି। ଗତ ୫ବର୍ଷ ଧରି ଖଣି, ତହସିଲ ଓ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଜବତ ହୋଇଥିବା ବାଲି ପଥର ଖଇରା ଥାନା ପରିସରରେ ଗଚ୍ଛିତ କରାଯାଇଥିଲା। ଏବେ କୋର୍ଟ ନିର୍ଦ୍ଦେଶ ପରେ ୬ଦିନ ତଳେ ଗଚ୍ଛିତ ଏହି ଲଘୁଖଣିଜ ଦ୍ରବ୍ୟ ନିଲାମ କରାଯାଇଛି। ବଜାର ମୂଲ୍ୟ ଆନୁମାନିକ ୬ଲକ୍ଷ ହୋଇଥିବା ବେଳେ ୪୦ହଜାର ଟଙ୍କାରେ ସମସ୍ତ ମାଲ ଖଲାସ କରି ଦିଆଯାଇଛି। ସେଦିନ ଯେଉଁମାନେ ନିଲମରେ ଭାଗ ନେଇଥିଲେ ସେମାନେ ସମସ୍ତେ ଖଣି ବ୍ୟବସାୟି ବା ସେମାନଙ୍କ ସମ୍ପର୍କିୟ। ଏଣୁ କାଗଜପତ୍ରରେ ନିଲାମ ପ୍ରକ୍ରିୟା ଦେଖାଇ ୪୦ ହଜାରର ସର୍ବାଧିକ ନିଲାମ ମୂଲ୍ୟ ବୋଲି ଦର୍ଶାଯାଇଛି। ଏହି ନିଲାମପ୍ରକ୍ରିୟା ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରାଙ୍କୁ ଯୋଗାଯୋଗ କରିବାରେ ଗାଇଡଲାଇନ ଅନୁଯାୟୀ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ସର୍ବାଧିକ ରେଟ ଡାକିଥିବା ବ୍ୟକ୍ତିଙ୍କୁ ଏହି ସାମଗ୍ରୀ ଦିଆଯାଇଛି ବୋଲି କହିଛନ୍ତି। କିଛି ଖଣିବ୍ୟବସାୟୀ ଓ ଅଧିକାରୀଙ୍କ ମିଳିତ ସଲାସୁତ୍ରରେ ଏହି ବେଆଇନ କାର୍ଯ୍ୟ କରାଯାଇଥିବା ଅଭିଯୋଗ କରାଯାଇଛି।

- ଶମ୍ଭୁନାଥ ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ନିଯୁକ୍ତି କୁ ନେଇ ତେଜୁଛି ଅସନ୍ତୋଷ

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବୁଦ୍ଧିଜୀବୀ

ବସ୍ତା ବ୍ଲକ, ୪।୬ (ସମିସ): ବସ୍ତା ଶମ୍ଭୁନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନିଯୁକ୍ତିକୁ ନେଇ ବଢ଼ୁଛି ଅସନ୍ତୋଷ. ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ପୁରାଇ ନ ଦେବାକୁ ଦାବି କରି ସ୍କୁଲ ଗେଟ ରେ ତାଲା ପକାଇଲେ ଅବିଭାବକ। ଦୀର୍ଘ କୋଡିଏ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି



ସହକାରୀ ଶିକ୍ଷୟିତ୍ରୀ ଏବଂ ତିନି ବର୍ଷ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଅଳକା ବିନ୍ଧାଣୀ, ସ୍କୁଲ ର ବିଭିନ୍ନ ଯୋଜନା କୁ ହରିଲୁଟ କରିବା ସହିତ ମାଧ୍ୟାହ୍ନ ଭୋଜନ, ଖେଳ ସାମଗ୍ରୀ, ଘର ନିର୍ମାଣ ର ଅର୍ଥ ହଡପ ଘଟଣା ରେ ପ୍ରଶାସନିକ ସ୍ତର ରେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀରୁ ସହକାରୀ ଶିକ୍ଷୟିତ୍ରୀ କରାଯାଇଥିଲା. ତେବେ ସରକାରୀ ସ୍ତର ରେ ପୁଣି ଶମ୍ଭୁନାଥ ହାଇସ୍କୁଲ ରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିନ୍ଧାଣୀଙ୍କୁ ନିଯୁକ୍ତିକୁ ନେଇ ଦେଖା ଦେଇଛି ଅସନ୍ତୋଷ। ବିଦ୍ୟାଳୟ କମିଟି ଠାରୁ ସ୍ଥାନୀୟ ନେତୃତ୍ୱ ମଣ୍ଡଳୀ, ଅବିଭାବକ ସମସ୍ତେ ଏକତ୍ରିତ ହୋଇ ବିରୋଧ ପ୍ରଦର୍ଶନ କରିଛନ୍ତି। ତତ ସହିତ ଆସନ୍ତା ୧୭ ତାରିଖ ଠାରୁ ଆମରଣ ଅନଶନର ଡାକରା ଦିଆଯାଇଛି। ଏହାକୁ ନେଇ ବସ୍ତା ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବସ୍ତାର ନେତୃତ୍ୱ ମଣ୍ଡଳୀ, ବୁଦ୍ଧିଜୀବୀ, ପୁରାତନ ଛାତ୍ର, ସ୍କୁଲ କମିଟିର ନିଷ୍ପତ୍ତି କ୍ରମେ ଆଜି ଏକ ପ୍ରତିନିଧି ଦଳ ଓଡ଼ିଶା ସରକାରଙ୍କ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭୁବନେଶ୍ୱର ସ୍ଥିତ ସରକାରୀ କାର୍ଯ୍ୟାଳୟ ରେ ଭେଟି ଶମ୍ଭୁନାଥ ହାଇସ୍କୁଲ ର ମର୍ଯ୍ୟାଦା କୁ ଅକ୍ଷୁର୍ଣ୍ଣ ରଖିବା ସହିତ ଶ୍ରୀମତୀ ବିନ୍ଧାଣୀଙ୍କୁ ଅନ୍ୟତ୍ର ନିଯୁକ୍ତି ପାଇଁ ଦାବି କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ଘଟଣା ର ତର୍ଜମା କରି କର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ ସ୍କୁଲ କମିଟି ସଭାପତି ଧିରେନ କୁମାର ମହାନ୍ତିଙ୍କ ସହ ବିଜେପି ନେତା ରବୀନ୍ଦ୍ର କୁମାର ଜୈନ, ପ୍ରିୟବ୍ରତ ମହାପାତ୍ର, ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ସାହୁ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା



ସୋର, ୪।୬ (ସମିସ): ସୋର ବ୍ଲକ ସବିରା ପଞ୍ଚାୟତ ସବିରା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିବା ପାଇଁ ବିଦ୍ୟାଳୟ ସ୍କୁଲ ଗେଟରେ ତାଲା ପକାଇ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଦାଶଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି। ଏହାକୁ ବିରୋଧ କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏବଂ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ବଦଳି ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ପରିଚାଳନା କମିଟି ସଦସ୍ୟ ଗଜେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏ ବାବଦରେ ଏକ ଦାବିପତ୍ର ଗ୍ରାମବାସୀଙ୍କ ତରଫରୁ ସୋର ବିଧାୟକ ମାଧବ ଧଡ଼ା, ଜିଲ୍ଲା ଶିକ୍ଷାଧିକାରୀ ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଗ୍ରାମବାସୀ ମାନେ ପ୍ରଦାନ କରିଛନ୍ତି।

## ୯ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୪।୬ (ସମିସ): 'ନାୟିକା ବାଲେଶ୍ୱର'ର ୨୧ ତମ ପ୍ରତିଷ୍ଠା ଦିବସ ଓ ୯ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସୁଧାଂଶୁ ଦ୍ୱିବେଦୀ, ଅଶୋକ କର, ମନୋଜ ଦାସ ଉପସ୍ଥିତ ଥିଲେ। ନାୟିକା ବାଲେଶ୍ୱର' ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନାଟ୍ୟକାର ନବୀନ କୁମାର ପରିଡ଼ାଙ୍କ ରଚିତ 'ଆବର୍ତ୍ତନ' ନାଟକଟି ମହାଭାରତର ଏକ ଚମତ୍କାର ଏବଂ ଅଭୂତପୂର୍ବ ଦୃଷ୍ଟିକୋଣରୁ ରଚନା କରାଯାଇଛି। ଏହି ପୃଥିବୀ କେବଳ ଗୋଲାକାର ନୁହେଁ କିମ୍ବା ଏହାର ଗତିପଥ ମଧ୍ୟ କେବଳ ଚକ୍ରାକାର ନୁହେଁ। ବରଂ ଆମର ଜୀବନ ପଥ ଆଉ ପ୍ରକୃତିର ଆବର୍ତ୍ତନ ମଧ୍ୟ ବୃତ୍ତାକାର। ଯେମିତି ଆମର ଜୀବନ ଯାତ୍ରାର ପଥ ଶୂନ୍ୟରୁ ଆରମ୍ଭ ହୋଇ ମହାଶୂନ୍ୟରେ ମିଳେଇ ଯାଏ ସେମିତି ମହାଭାରତରେ ଶ୍ରୀକୃଷ୍ଣଙ୍କର ପ୍ରତିଷ୍ଠିତ ଧର୍ମରାଜ୍ୟ ର ସ୍ଥାପନା ହେବାର ପରମୂହୂର୍ତ୍ତରେ ମଧ୍ୟ ସେଠାରେ କଳିଯୁଗର ଶୁଭାରମ୍ଭ କରିବା ପାଇଁ 'କଳି'ର ଆଗମନ ହୋଇଛି। ଏବଂ କଳିର ପ୍ରରୋଚନାରେ ଶ୍ରୀକୃଷ୍ଣଙ୍କୁ ପୃଥିବୀ ତ୍ୟାଗ କରିବାକୁ ପଡ଼ିଛି। ଅତଏବ ଜୀବନର ଏହି ମାର୍ମିକ ସତ୍ୟକୁ ଉପଲବ୍ଧି କରି ଆମକୁ ଯଥାସମ୍ଭବ ସତ୍ ପଥରେ ପରିଚାଳିତ ହୋଇ ସତ୍ କର୍ମ ର ପନ୍ଥା ଅବଲମ୍ବନ କରି ଜୀବନ ନିର୍ବାହ କରିବା ଉଚିତ। ନହେଲେ ଆମର ଏହି ଜୀବନ ନାଟକ ମଧ୍ୟ ବାରମ୍ବାର ଆବର୍ତ୍ତିତ ହୋଇ ଏହି ମର ଧାମରେ ବାରମ୍ବାର ଜନ୍ମ ମରଣ ର ଚକାଚକା ଭଉଁରୀ ଖେଳୁଥିବ। ତେଣୁ ସେ ସାଧୁ! ସାବଧାନ। ନାଟକର ପରିକଳ୍ପନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି 'ନାୟିକା ବାଲେଶ୍ୱର' ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ। ସଙ୍ଗୀତ ନିର୍ଦ୍ଦେଶନା ଶ୍ରୀମାନ୍ ଶକ୍ତି ପ୍ରସାଦ ମିଶ୍ର ଏବଂ ଆଲୋକ ନିର୍ଦ୍ଦେଶନା ଶ୍ରୀମାନ୍ ରାକେଶ ଚାନ୍ଦ। ମଞ୍ଚ ସଜ୍ଜା ଓ ରୂପସଜ୍ଜା କରିଛନ୍ତି ସନ୍ତୋଷ କୁମାର କାମିକା।



## ତିଲପଟା ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅଧପନ୍ତରିଆ

ଜଳେଶ୍ୱର ବ୍ଲକ, ୪।୬ (ସମିସ)



ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ଆଢୁଆଳରେ ରଖି କିପରି ଅଧପନ୍ତରିଆ ଭାବେ ନାମ୍ପ ପଞ୍ଚାୟତର ତିଲପଟା ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମାଜସେବୀ ଜଗଦୀଶ ପ୍ରଧାନ, ସତ୍ୟସାଗର ଦାସ ଓ ସପନ କାମିଲା ପ୍ରମୁଖ ଜଳେଶ୍ୱର ବିଡିଓ ଓ ସିଡିପିଓଙ୍କ ଠାରେ ଅଭିଯୋଗ କରିଥିଲେ ସୁଦ୍ଧା ଏବେ ବି ଉକ୍ତ କେନ୍ଦ୍ରର ଶୌଚାଳୟ ଓ ପ୍ଲାଷ୍ଟର କାର୍ଯ୍ୟ ବାକି ରହିଛି। ସୂଚନା ଅନୁଯାୟୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ପତ୍ର ସଂଖ୍ୟା ୨୧୦ ତାରିଖ ୨୪/୧/୨୩ ମାଧ୍ୟମରେ ବାଲେଶ୍ୱର ଜିଲ୍ଲା ପରିଷଦର ସିଡିଓ ତଥା ଟି, ସିମୁଳିଆ ବ୍ଲକର ୧୨ଟି ଓ ବସ୍ତା ବ୍ଲକର ୧୦ଟି ଅଙ୍ଗନବାଡି କେନ୍ଦ୍ର ଏମ୍.ଜି.ଏନ୍.ଆର.ଇ.ଜି.ଏସ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଦୀର୍ଘ ଇତି ମଧ୍ୟରେ ୩ବର୍ଷ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଅପର ପକ୍ଷରେ ଜଳେଶ୍ୱର ବିଡିଓ ଓ ସିଡ଼ିପିଓ କାର୍ଯ୍ୟାଳୟ ଅଙ୍ଗନବାଡି କେନ୍ଦ୍ରର ସମ୍ମୁଖ ଭାଗକୁ ରଙ୍ଗ କରି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇସାରିଛି ବୋଲି ରିପୋର୍ଟ ପ୍ରଦାନ କରିଛନ୍ତି। ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରୁ ମଧ୍ୟ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସମ୍ବର୍ଦ୍ଧନା ଓ ସମ୍ମାନିତ ହୋଇ ଛନ୍ତି କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି ଅଲଗା, ଉକ୍ତ ଅଙ୍ଗନବାଡି କେନ୍ଦ୍ରର ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ସମାଜସେବୀ ଜଗଦୀଶ ପ୍ରଧାନ ବାରମ୍ବାର ବିଡିଓ ଓ ସିଡ଼ିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଏହି ଅଭିଯୋଗ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହି କେନ୍ଦ୍ରର ନିର୍ମାଣ ପାଇଁ ୫.୫ ଲକ୍ଷ ଟଙ୍କାର ଏକ କାର୍ଯ୍ୟାଦେଶ ପାଇବା ପରେ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ମାତ୍ର ଜଳେଶ୍ୱର ସିଡ଼ିପିଓ ମିନତୀ ସିଂଙ୍କୁ ଯୋଗାଯୋଗ କରିବାରୁ ସେ ସେହି ଅଙ୍ଗନବାଡି କେନ୍ଦ୍ର ସମ୍ପର୍କରେ କୌଣସି ତଥ୍ୟ ଦେଇ ପାରିବେ ନାହିଁ ବୋଲି ରୋକଠୋକ୍ ମନା କରିବା ସହିତ ସୂଚନା ଅଧିକାର ଆଇନ ଦ୍ୱାରା ଯାହା ମାଗିବେ ତାହା ଦିଆଯିବ ବୋଲି କହିଛନ୍ତି। ଅନ୍ୟପଟେ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାମ୍ପୋ ଗ୍ରାମବାସୀ ଦାବି କରିଛନ୍ତି।

## ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସିପିଏମ୍‌ର ଦାବିପତ୍ର



ନୀଳଗିରି, ୪।୬ (ସମିସ): କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ତିନି ମାସ ହେବ ଭତ୍ତା ଧାରୀ ମାନଙ୍କ ପାସ ବହିକୁ ଭତ୍ତା ଟଙ୍କା ଆସୁନାହିଁ। ଫଳରେ ଗରିବ ବୃଦ୍ଧ/ ବୃଦ୍ଧା ମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ଯେଉଁ ମାନେ ଭତ୍ତା ଉପରେ ନିର୍ଭର କରି ଚଳନ୍ତି, ସେମାନଙ୍କର ଚୁଲି ଜଳୁ ନାହିଁ। ଏହାକୁ ଗୁରୁତ୍ୱ ର ସହ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଯଥା ଶୀଘ୍ର ଭତ୍ତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ପରେ ଉପଜିଲ୍ଲାପାଳ ଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଡବଲ ଇଞ୍ଜିନ ସରକାର ଗରିବ ଲୋକ ଙ୍କ ବିରୋଧି ସରକାର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏ ସରକାର ଯାହା କୁହେ ତାର ଓଲଟା କରେ ବୋଲି କହିଥିଲେ। ଏ ସରକାର ସମୟରେ ଦରଦାମ୍ ବୃଦ୍ଧି ସହିତ ବେକାରୀ ସମସ୍ୟା ବଢୁଛି। ଗରିବ ଲୋକ ମାନେ ଋଣ ଯନ୍ତାରେ ପଡୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଲକ୍ଷ୍ମୀଧର ସାହୁ, ନାରାୟଣ ଧାମୁଡିଆ, ମୃତ୍ୟୁଞ୍ଜୟ ନାୟକ, ପ୍ରଦୀପ ମିଶ୍ର, ଶ୍ୟାମ ସିଂ, ଭିମ ସିଂଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ। ଯଦି ସାତ ଦିନ ଭିତରେ ଭତ୍ତା ଧାରୀ ମାନଙ୍କ ଖାତାକୁ ଟଙ୍କା ନ ଆସେ, ତେବେ ଦଳ ତରଫରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦେଇ ଥିବା ଜଣା ଯାଇଛି।

## ଜଳେଶ୍ୱର ରେଳଷ୍ଟେସନ ପ୍ରତି ଦକ୍ଷିଣ-ପୂର୍ବ ରେଳ ଡିଭିଜନର ଅବହେଳା ନେଇ ଅସନ୍ତୋଷ

ଜଳେଶ୍ୱର, ୪।୬ (ସମିସ)




ରେଳଯାତ୍ରୀ ଓ ବିଭାଗୀୟ ଉଦାସିନତାକୁ ନେଇ ଜଳେଶ୍ୱର ଅଞ୍ଚଳର ଲୋକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁଖଦ ଓ ଅଧିକ ନିର୍ଭୟ ଯାତ୍ରା ପାଇଁ ଲୋକେ ରେଳ ଯାତ୍ରାକୁ ଆପଣେଇଥିବା ବେଳେ ଦକ୍ଷିଣପୂର୍ବ ରେଳ ଡିଭିଜନର ବଙ୍ଗଳାଭାଷୀ କର୍ତ୍ତୃପକ୍ଷଙ୍କ ବୈମାତୃକ ଭାବ ଓଡ଼ିଶାର ଏହି ରେଳ ଷ୍ଟେସନ ଗୁଡିକ ପ୍ରତି ଓ ଯାତ୍ରୀଙ୍କୁ ପ୍ରଭାବିତ କରୁଛି ବୋଲି ଓଡିଆ ଯାତ୍ରୀଙ୍କ ମନରେ ଏକ ଅସନ୍ତୋଷ ଦୀର୍ଘ ଦିନଧରି ଭରିରହିଛି। ଜଳେଶ୍ୱର ଷ୍ଟେସନରେ ଯାତ୍ରୀ ସଂଖ୍ୟା ବୃଦ୍ଧକୁ ଦୃଷ୍ଟିରେ ରଖି ଦୂର ସ୍ଥାନକୁ ଯାତ୍ରା ପାଇଁ ବହୁ ଏକ୍ସପ୍ରେସ ଟ୍ରେନର ରହଣୀ ଦାବୀ କରାଯାଉଥିଲେ ମଧ ରେଳ ବିଭାଗ କର୍ଣ୍ଣପାତ କରୁନଥିବା ବେଳେ ଯେତିକି ଟ୍ରେନ ଚାଲୁଛି ତା ମଧ୍ୟରୁ ଅଧିକାଂଶ ଲୋକାଲ ଟ୍ରେନ ଗୁଡିକ ବହୁ ସମୟରେ ବାତିଲ ରହିବା ଓ ଦୂରଗାମୀ ଟ୍ରେନ ଗୁଡିକର ବହୁ ବିଳମ୍ବ ଯୋଗୁଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳେଶ୍ୱର-ପୁରୀ ଟ୍ରେନଟି ଜଳେଶ୍ୱରରୁ ଛାଡିବାର ଥିବା ବେଳେ ରହିବାର ସ୍ଥାନ ଅଭାବରୁ ଖଡଗପୁର ଷ୍ଟେସନରୁ ଛାଡୁଛି ମାତ୍ର ଏବେ ଦେଖିବାକୁ ମିଳୁଛି ଯେ ପଶ୍ଚିମବଙ୍ଗର ବହୁ ଷ୍ଟେସନରେ ରହିବା ଓ ଯାତ୍ରୀନେଇ ଆସିବାର ଦେଖିବାକୁ ମିଳୁଛି। ଜଳେଶ୍ୱରବାସୀଙ୍କୁ ଖଡଗପୁର ରେଳ ଡିଭିଜନ ତରଫରୁ ବହୁ ସମୟରେ ଅଣଦେଖା ତଥା ତା'ର ହକ୍ ପାଇବାରୁ ବଞ୍ଚିତ କରୁଛି। ଜଳେଶ୍ୱର ଷ୍ଟେସନକୁ ଅମୃତ ଭାରତ ଷ୍ଟେସନର ମାନ୍ୟତା ଦିଆଯିବାର ମିଛ ପ୍ରଲୋଭନ ଦେଖାଇ ଦୀର୍ଘ ଦିନଧରି ଜଳେଶ୍ୱରବାସୀଙ୍କୁ ଅନ୍ଧାରରେ ରଖାଯାଇଛି ବୋଲି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଛି। କିଛିଦିନ ତଳେ ବିଭିନ୍ନ ସଂଗଠନ ପକ୍ଷରୁ ଷ୍ଟେସନ ପରିସରରେ ଧାରଣା ଓ ଦାବିପତ୍ର ପ୍ରଦାନ ପରେ ମଧ ରେଳ ବିଭାଗର କୌଣସୀ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ଦୀର୍ଘ ଦୁଇବର୍ଷ ଧରି ଷ୍ଟେସନର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନାମରେ ଭଙ୍ଗା ଗଡାରେ କାର୍ଯ୍ୟ ଚାଲିଥିବାର ଦେଖିବାକୁ ମିଳୁଛି। ଷ୍ଟେସନର ସମ୍ମୁଖରେ ଦୀର୍ଘ ଦିନଧରି ବାଉଁଶର ଭାଡା ବାନ୍ଧି ଯାତ୍ରୀମାନଙ୍କର ଯାତାୟତ ବନ୍ଦ କରାଯାଇଛି। ଷ୍ଟେସନର ପୂର୍ବପଟ ପାଦଚଲା ଓଭର ବ୍ରୀଜ ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଫଳରେ ଟ୍ରେନରୁ ଓହ୍ଲାଇବା ପରେ ଜଣେ ଯାତ୍ରୀଙ୍କୁ ଦୀର୍ଘ ପଥ ଚାଲିବା ପରେ ଷ୍ଟେସନ ବାହାରକୁ ଆସିବାକୁ ପଡୁଛି। ଯାହା ଭିନ୍ନକ୍ଷମ, ବରିଷ୍ଠ ନାଗରୀକ ଓ ରୋଗୀ ମାନଙ୍କ ପାଇଁ କଷ୍ଟଦାୟକ ହୋଇ ଉଠୁଛି। ୨ନଂ ଓ ୩ନଂ ପ୍ଲାଟଫର୍ମ ମଝିରେ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେସନର ସମ୍ମୁଖ ଭାଗ ପୂର୍ବରୁ ପେଭର ଇଟା ବସାଯାଇଥିବା ବେଳେ କିଛିଦିନ ପୂର୍ବରୁ ତାହା ଉଠାଯାଇଛି। ସେହିପରି ପ୍ଲାଟଫର୍ମ ଭିତରେ ବହୁ ସ୍ଥାନରେ ନୂତନ ଭାବେ ବସାଯାଇଥିବା ଟାଇଲ୍ସ ଉଠି ଯାଇଥିବା ଅନେକ ଯାଗାରେ ଭାଙ୍ଗିଯିବା ଫଳରେ ଯାତ୍ରୀମାନେ ଟ୍ରେନ ଚଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପ୍ଲାଟଫର୍ମରେ ଟ୍ରେନ କୋଚ ଇଣ୍ଡିକେଟର ଓ ଟ୍ରେନର ଉପସ୍ଥିତି ଇଣ୍ଡିକେଟର ଦୀର୍ଘଦିନ ଧରି ଲାଗାଯାଇଛି ମାତ୍ର ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଷ୍ଟେସନ ସମ୍ମୁଖରେ ଥିବା ପାର୍କରେ ଓ ମୁଖ୍ୟ ତୋରଣରେ କିଛିଦିନ ତଳେ ଲଗାଯାଇଥିବା ଲାଇଟ ଗୁଡିକ ମଧ୍ୟରୁ କିଛି ଜଳିବା ବନ୍ଦ ହୋଇଯାଇଛି। ଦକ୍ଷିଣ ପଟ ୪ନଂ ପ୍ଲାଟଫର୍ମରେ ଯାତ୍ରୀ ରହଣୀ ଓ ଟିକଟ କାଉଣ୍ଟର ଖୋଲିବାର ଦାବୀ ହୋଇଥିଲେ ନିର୍ମାଣର ସୂଚନା ମଧ ନାହିଁ। ଏହି ଷ୍ଟେସନର ମାନ୍ୟତା ବୃଦ୍ଧି ପାଇଥିଲେ ମଧ ବହୁ ଦୂରଗାମୀ ଟ୍ରେନ ଗୁଡିକର ରହଣୀ ହେଉ ନଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୪୬ ନଂ ରେଳ ଫାଟକ ନିକଟରେ ଏକ ଅଣ୍ଡରପାଶ ବା ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବୀ ହେବାପରେ ନିର୍ମାଣ ହେବ ବୋଲି ବିଭାଗୀୟ ପକ୍ଷରୁ ସୂଚନା ଦେଇଥିଲେ ମଧ୍ୟ ଆଜିଯାଏ କୌଣସୀ ପଦକ୍ଷେପ ନିଆଯାଇନାହିଁ। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ବିଭାଗର ବଡ ଅଧିକାରୀମାନେ ଜଳେଶ୍ୱର ଷ୍ଟେସନ ପରିଦର୍ଶନ କରୁଥିବା ବେଳେ ଏହି ମୁଖ୍ୟ ଅସୁବିଧା ଉପରେ ଦୃଷ୍ଟି ଦେଉନଥିବା ପରିତାପର ବିଷୟ। ତାଛଡା ଜଳେଶ୍ୱର ଅଞ୍ଚଳର ବୁଦ୍ଧିଜୀବି ବା ନେତୃ ସ୍ଥାନୀୟବ୍ୟକ୍ତିଙ୍କ ଠାରୁ ସେମାନଙ୍କର ଆସିବା ସୂଚନା ଗୁପ୍ତ ରଖାଯାଉଥିବାରୁ ଷ୍ଟେସନର ଉନ୍ନତିକୁ ନେଇ କୌଣସୀ ଆଲୋଚନା ହୋଇ ପାରୁନାହିଁ। ଯାହାକୁ ନେଇ ଜଳେଶ୍ୱର ରେଳଯାତ୍ରୀ ଓ ଜଳେଶ୍ୱର ବାସୀଙ୍କ ତରଫରୁ ଆଗାମୀ ଦିନରେ ଏକ ବଡ ଜନଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି।

## ମହେଶପୁର ପଞ୍ଚାୟତ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## 'ଉନ୍ନୟନ ନାଁରେ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବରଦାସ୍ତ କରାଯିବନି'

ବାଲେଶ୍ୱର(ଉତ୍ତର), ୪।୬(ସମିସ): ପଞ୍ଚାୟତର ସାମୁହିକ ଉନ୍ନୟନ ମୂଳକ ତଥା ଜନତା ଙ୍କ ସ୍ୱାର୍ଥ ସମ୍ବଳିତ କାର୍ଯ୍ୟକ୍ରମକୁ କଂଗ୍ରେସ ଦଳ କେବେ ବିରୋଧ କରେ ନାହିଁ। ମାତ୍ର ଉନ୍ନୟନ ନାମରେ ଏହି ପଞ୍ଚାୟତର ସରପଞ୍ଚଙ୍କ ନିର୍ଦ୍ଦେଶ ରେ ପ୍ରଶାସନ ଦ୍ୱାରା ଚାଲିଥିବା ଜନ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କୁ ଦଳ କେବେବି ବରଦାସ୍ତ କରିବ ନାହିଁ ବୋଲି ଗତ ବୁଧବାର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମହେଶପୁର ଗ୍ରାମରେ ପଞ୍ଚାୟତ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପଞ୍ଚାୟତ କଂଗ୍ରେସ ସଭାପତି ହରିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବାଲେଶ୍ୱର ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ନାୟକ, ପଞ୍ଚାୟତ କଂଗ୍ରେସ ମହିଳା ସଭାନେତ୍ରୀ ସୁଭଦ୍ରା ସେଠୀ ଯୋଗଦେଇ କହିଥିଲେ ଯେ କିଛିଦିନ ପୂର୍ବରୁ ଏହି



ପଞ୍ଚାୟତର ସରପଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କହିଥିଲେ ଯେ ଏହି ପଞ୍ଚାୟତର ବିରୋଧି ଦଳର କେତେକ କୁଚକ୍ରି ଗୋଷ୍ଠୀ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟ କରାଇ ଦେଉ ନାହାନ୍ତି। ମାତ୍ର ସରପଞ୍ଚ ଏଭଳି ବ୍ୟକ୍ତବ୍ୟ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହା ପୂର୍ବରୁ ଦଳ ପକ୍ଷରୁ ସମ୍ପୃକ୍ତ ସରପଞ୍ଚଙ୍କୁ କଂଗ୍ରେସ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଆସିଥିଲା। ଏପରିକି ଏହି ପଞ୍ଚାୟତ ର ନୂତନ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁ ନଥିଲା ବେଳେ ତାଙ୍କୁ ଦଳ ସମସ୍ତ ପ୍ରକାର ସହାୟତା ଯୋଗାଇ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ମାତ୍ର ଏବେ ଏହି ପଞ୍ଚାୟତ ପରିସରରେ ଥିବା ଏକ ପୁରୁଣା କାଳିଆ ବଡ଼ ଗଛକୁ ସରପଞ୍ଚ ମନମୁଖି ଭାବେ ଅନ୍ୟ ଜଣକୁ ବିକ୍ରୀ କରାଇ ତାକୁ କାଟି ଦେଇଛନ୍ତି। ତେଣୁ ଏହି ଗଛ କଟା କୁ ଦଳ ବିରୋଧ କରୁ ଥିବାରୁ ସରପଞ୍ଚ ନିଜର ଭୁଲକୁ ଲୁଚାଇ ବା ପାଇଁ ଏଭଳି ଭିତ୍ତିହୀନ ଅଭିଯୋଗ ଆଣିଥିବା ଶ୍ରୀ ନାୟକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗକୁ ଯଦି ସରପଞ୍ଚ ଏଭଳି ଭୁଲ କାମ କରନ୍ତି ତେବେ ଦଳ କେବେ ଛାଡିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ରାମ ରଞ୍ଜନ ମିଶ୍ର, ସମିତି ସଭ୍ୟ ମନରଞ୍ଜନ ଦାସ, ତଥା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଣେଶ୍ୱରପୁରରେ ରଘୁନାଥ ଏଣ୍ଟରପ୍ରାଇଜର୍ସ ଇଭି ସ୍କୁଟର ଶୋ'ରୁମ୍ ଉଦ୍‌ଘାଟିତ

ରେମୁଣା, ୪।୬ (ସମିସ): ରେମୁଣା ଗୋଲେଇସ୍ଥିତ ଗଣେଶ୍ୱରପୁର ଠାରେ ଥିବା ବି. ଟି. ସି. ସି ଟ୍ରକ ୟୁନିଅନ ପାଖରେ ଶୁଭାରମ୍ଭ ହୋଇଛି ରଘୁନାଥ ଏଣ୍ଟରପ୍ରାଇଜେର୍ସ ଇଭି ସ୍କୁଟର ଶୋ'ରୁମ। ଏହି ଶୋରୁମକୁ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରି କହିଥିଲେ କି ବର୍ତ୍ତମାନ ମୋଦି ସରକାର ଇଭି କାର ଓ ବାଇକ ବ୍ୟବହାର କରିବାକୁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଥିବାରୁ ବର୍ତ୍ତମାନ ଜନସାଧାରଣ ଇଭିର ବ୍ୟବହାର ବହୁମାତ୍ରାରେ କରୁଛନ୍ତି। ଲୋକଙ୍କ ଚାହିଦା କୁ ଦେଖି ରଘୁନାଥ ଏଣ୍ଟରପ୍ରାଇଜର୍ସ ଏକ ସୁନ୍ଦର ପଦକ୍ଷେପ ନେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଗିରିଧାରୀ ଦାସ, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ଶୁସାନ୍ତ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ଲକ୍ଷ୍ମୀନାରାୟଣ ଟ୍ରାଭେଲ୍ସର ପ୍ରୋପାଇଟର ପ୍ରଦୀପ୍ତ କୁମାର ଦାସ, ପ୍ରକାଶ କୁମାର ସାହୁ, ମାନସ ରଞ୍ଜନ ସାହୁ, ପ୍ରଶାନ୍ତ କର, ସପନ ଦାସ ପ୍ରମୁଖ ଯୋଗଦେଇ ପ୍ରଥମ ଗ୍ରାହକଙ୍କୁ ନୂତନ ଇଭି ସ୍କୁଟର ସହିତ ଉପହାର ଭାବେ ୩୨ ଇଞ୍ଚ ଏଲଇଡି ଟିଭି ପ୍ରଦାନ



କରିଥିଲେ। ପ୍ରୋପାଇଟର ଗୌରଗୋପାଳ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଗ୍ରାହକଙ୍କୁ ନିମନ୍ତ୍ରଣ କରିବା ସହିତ ସୁଲଭ ମୂଲ୍ୟରେ ଇଭି ସ୍କୁଟର ଯୋଗାଇ ଦିଆଯିବା ସହିତ ସର୍ଭିସିଂ ଓ ସମସ୍ତ ପ୍ରକାରର ସୁବିଧା ଥିବା କଥା କହିଥିଲେ।

## ସରକାରୀ ଜମି ଜବରଦଖଲ ଚିହ୍ନଟ ନେଇ ପ୍ରଶାସନିକ ତତ୍ପରତା

ଜଳେଶ୍ୱର, ୪।୬ (ସମିସ): ଜଳେଶ୍ୱର ତହସିଲ ଅଧିନରେ ଥିବା ସରକାରୀ ଜମିର ଅନଧିକୃତ ଜବର ଦଖଲକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲ ତରଫରୁ ତତ୍ପରତା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ କେତେକ ଜାଗାକୁ ମପାମପି ଆରମ୍ଭ ହୋଇଥିବା ବେଳେ ଜବର ଦଖଲକାରୀଙ୍କ ମଧ୍ୟରେ ଉଚ୍ଛେଦର ଭୟ ସୃଷ୍ଟି ହୋଇଛି। ଜଳେଶ୍ୱର ତହସିଲ ଅଧିନରେ ଥିବା ବହୁ ସରକାରୀ ଜମି ଅନଧିକୃତ ଭାବେ ଜବରଦଖଲ କରାଯାଇଥିବା ବେଳେ ବିଭିନ୍ନ ସଂଗଠନ ଓ ବିଭାଗ ନାମରେ ରେକର୍ଡ କରାଯାଇଥିବାର ବହୁ ସଂଖ୍ୟକ ଡବ୍ଲ୍ୟୁପିସି ମାମଲାକୁ ନେଇ ଜଳେଶ୍ୱର ତହସିଲଦାରଙ୍କ ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଜନୈକ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବାକୁ ନେଇ ଜଳେଶ୍ୱର ତହସିଲ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଜଳେଶ୍ୱର ତହସିଲ ଅଧିନରେ ଥିବା ବହୁ ଡବ୍ଲ୍ୟୁପିସି ମାମଲା ସହିତ ଏହିପରି ବହୁ ଆଇନ ବିରୋଧୀ କାର୍ଯ୍ୟର ଖୋଳତାଡ ହେବାର ଆଶଙ୍କାକୁ ନେଇ ଜଳେଶ୍ୱର ତହସିଦାର ସମସ୍ତ ରାଜସ୍ୱ ନିରିକ୍ଷକଙ୍କୁ ଓପିଏଲଇ ଆଇନ, ଓପିପି(ଇୟୁଓ) ଆଇନ ଅନୁଯାୟୀ ବେଆଇନ ଜବରଦଖଲକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳିଛି। ସୂଚନାନୁଯାୟୀ ଜଳେଶ୍ୱର ବଡବଜାର ଛକ ଠାରୁ ହୋଣ୍ଡା ସୋ ରୁମ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି (ବିଭିନ୍ନ ବିଭାଗ, ସଂଗଠନ ନାମରେ ରେକର୍ଡ ହୋଇଥିବା) ର ବେଆଇନ ଜବରଦଖଲ ଠାବ କରିବା ପାଇଁ ଓ ଓପିଏଲଇ ଆଇନ, ଓପିପି(ଇୟୁଓ) ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରିବା ପାଇଁ ସମସ୍ତ ରିସଙ୍କୁ ୦୩-୦୬-୨୦୨୬ରୁ ୧୦-୦୬-୨୦୨୬ ମଧ୍ୟରେ ନିର୍ଦ୍ଦେଶ ଦେବା ସହିତ ଜଳେଶ୍ୱର ବାସୀଙ୍କୁ ସହଯୋଗ କରିବା ପାଇଁ ନର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟରେ ଜଳେଶ୍ୱର ତହସିଲର ସରୋଜ କୁମାର ଭଞ୍ଜ, ଜଗନ୍ନାଥ ପାତ୍ର, ନିଶିକାନ୍ତ ସିଂ, ଦେବଂଜନ ମହାନ୍ତି, ରଞ୍ଜନ କଜୁମାର ପାଣି, ଶାନ୍ତନୁ କୁମାର ପାଢ଼ୀ, ବିମଳ ସୋରେନ, ଶିବଶଙ୍କର ସେନାପତିଙ୍କ ସହିତ ଅମିନ ରାଜେଶ ସିଂ, ଅକ୍ଷୟ ସିଂ, ସୁପର ଭାଇଜର ଗୋପାଳ ମାଝୀ, ଶରତ ବେହେରାଙ୍କୁ ନିୟୋଜିତ କରାଯାଇଛି।

## ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ବିରୋଧରେ ବରିଷ୍ଠ ନାଗରିକଙ୍କ ଗଣଧାରଣା ୧୨ରେ

ବାଲେଶ୍ୱର, ୪।୬(ସମିସ): ଜିଲ୍ଲା ବରିଷ୍ଠ ନାଗରିକମାନେ ଆସନ୍ତା ୧୨ ତାରିଖ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ବୈଠକ ଆଜି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ଏହି ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ପକ୍ଷରୁ ସମନ୍ୱିତ ବହୁମୁଖୀ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିବା ପରେ ଗତ ୨୦୧୯ ମସିହାରେ ରେମୁଣା ବ୍ଲକର ଦହପଡ଼ା ମୌଜାରେ ୨୦ ଏକର ପରିମିତ ଉନ୍ନତ ଯୋଜନା ଯୋଗ୍ୟଜମିକୁ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଚିହ୍ନଟ କରି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ନାମରେ ପଟ୍ଟା ପ୍ରଦାନ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବେ ଏହି ବହୁମୁଖୀ ପ୍ରକଳ୍ପକୁ ଦହପଡ଼ାରୁ ହପଡ଼ାରୁ ନୀଳଗିରିର ସଜନାଗଡ଼ ଜଙ୍ଗଲ ଅଞ୍ଚଳରେ ନିର୍ମାଣପାଇଁ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ପ୍ରଶାସନର ଏହି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ବିରୋଧ କରି ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଲିଖିତ ଭାବେ




ଜିଲ୍ଲା ପ୍ରଶାସନକୁ ଓ ରାଜ୍ୟ ସରକାରଙ୍କୁ ବହୁବାର ସ୍ମାରକପତ୍ର ଦିଆଯାଇଛି। ସହର ନିକଟରେ ଦହପଡ଼ା ମୌଜା ଥିବାରୁ ଏହି ପ୍ରକଳ୍ପର ହିତାଧିକାରୀ ଓ ଅନ୍ତେବାସୀମାନେ ସରକାରୀ ଚିକିତ୍ସା ଓ ଗମନାଗମନର ସମସ୍ତ ସୁଯୋଗ ପାଇପାରିବେ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଦାମୋଦ ମୋଦର ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରିଥିଲେ ଥିଲେ। ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅନୁସୂୟା ନାୟକ, ଅର୍ଚ୍ଚନା ନନ୍ଦ ନନ୍ଦୀ, ଗୀତାଞ୍ଜଳି ଶତପଥୀ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ନିର୍ଦ୍ଧାରିତ ସ୍ଥାନ ଦହପଡ଼ାରେ ତୁରନ୍ତ କରାଯାଉନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା।

## ବାଲେଶ୍ୱରରେ ତାତି ବଢୁଛି

ବାଲେଶ୍ୱର, ୪।୬(ସମିସ): ଆଜି ବାଲେଶ୍ୱର ସହରରେ ତାପମାତ୍ରା ପୁଣି ବଢ଼ିଛି। ଭାରତୀୟ ପାଣିପାଗ ବିଭାଗର ରିପୋର୍ଟ ଅନୁସାରେ ଆଜି ବାଲେଶ୍ୱରର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି, ଯାହା ଗତକାଲି ଠାରୁ ୦.୮ ଡିଗ୍ରୀ ଅଧିକ। ସାଧାରଣ ଠାରୁ ଏହା ଅଧିକ ରହିଛି। ଆଜି ବାଲେଶ୍ୱରରେ ସର୍ବାଧିକ ତାପମାତ୍ରା ୩୭.୫ ଡିଗ୍ରୀ ସେଲସିୟସ, ସର୍ବନିମ୍ନ ତାପମାତ୍ରା ୨୫.୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି, ଯାହା ସାଧାରଣ ଠାରୁ ୦.୯ ଡିଗ୍ରୀ ସେଲସିୟସ କମ୍। ଆଜି ବର୍ଷା ହୋଇନାହିଁ। ଆଜି ରାଜ୍ୟର ସବୁଠୁ ଗରମ ସହର ସମ୍ବଲପୁର ୪୨.୨ ଡିଗ୍ରୀ ସେଲସିୟସ ଥିବାବେଳେ ବାଲେଶ୍ୱର ୩୭.୫ ଡିଗ୍ରୀ ସେଲସିୟସ ରେ ରହିଛି। ଚାନ୍ଦବାଲିରେ ୩୯.୨ ଡିଗ୍ରୀ ସେଲସିୟସ ଓ ଭଦ୍ରକରେ ୩୮.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ଅର୍ଥାତ୍ ଉପକୂଳ ଓଡ଼ିଶାରେ ବାଲେଶ୍ୱର ଅପେକ୍ଷାକୃତ କମ୍ ଗରମ। ଦିନ ୧୧ ଟାରୁ ୩ ଟା ପର୍ଯ୍ୟନ୍ତ ଖରାକୁ ନ ବାହାରିବା, ପ୍ରଚୁର ପାଣି ପିଇବା ଓ ହାଲୁକା ରଙ୍ଗର ସୂତା ପୋଷାକ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି।

## ନୀଳଗିରିରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ

ନୀଳଗିରି, ୪।୬ (ସମିସ)



ସମଗ୍ର ବାଲେଶ୍ୱର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଚାଲୁ ଥିବାବେଳେ ୪୦ - ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଏଥି ପାଇଁ ଗୁରୁବାର ପୂର୍ବାହ୍ନ ୭ ଘଟୀକା ସମୟରେ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠରୁ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଦ୍ୱାରା ଏସଆଇଆର ସଚେତନତା ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା, ଆସିଷ୍ଟାଣ୍ଟ କଲେକ୍ଟର ରଞ୍ଜନ ସେନାପତି, ଡେପୁଟି କଲେକ୍ଟର ପ୍ରଦୀପ କୁମାର ଦାସ, ଏନ୍ ଏ ସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ନିର୍ବାଚନ ବିଭାଗୀୟ କର୍ମକର୍ତ୍ତା ସୁଶାନ୍ତ ସିଂ, ଗୌତମ ହାବୁଡ଼ା, ଧନଞ୍ଜୟ ବେହେରା, ସୁଶ୍ରୀ ଗୀତାରାଣୀ ସିଂ, ପରମେଶ୍ୱର ନାୟକ, ପ୍ରଣବ ନାୟକ, ପ୍ରୀତି ମୋହନ ସିଂ, ଛାତ୍ରଛାତ୍ରୀ ସମେତ ଅନ୍ୟାନ୍ୟ ସଧାରଣ ଜନତା ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ। ଏହି ଏସ ଆଇ ଆର୍ ବା ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ପାଇଁ ସଚେତନତା ବାର୍ତ୍ତା ବହନ ଅଭିଯାନ ରଥର ଶୁଭାରମ୍ଭ କରି ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଶ୍ରୀମତୀ ରଥ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ରାଜ୍ୟରେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ଆର୍ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ବିଏଲଓ ମାନେ ଆସନ୍ତା ୨୮ ଜୁନ୍ ପର୍ଯ୍ୟନ୍ତ ଘରକୁ ଘର ବୁଲି ପରିଗଣନା ଫର୍ମ ପୂରଣ କରିବାରେ ସହାୟତା ପ୍ରଦାନ ଓ ମାର୍ଗଦର୍ଶନ କରିବେ। ଆସନ୍ତା ଜୁଲାଇ ୫ ତାରିଖ ଖସଡ଼ା ଭୋଟର ତାଲିକା ପ୍ରକାଶ, ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି, ଆପତ୍ତି ଅଭିଯୋଗ ଦାଖଲ ସମୟ ସୀମା ଏବଂ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଦାବି ଆପତ୍ତି ନିଷ୍ପତି ଥିବାବେଳେ ସେପ୍ଟେମ୍ବର ୬ ତାରିଖ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟା ବା ଅଭିଯାନକୁ ସଫଳ କରିବା ପାଇଁ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀମତୀ ରଥ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଏବଂ ନିର୍ଭୁଲ ବା ଅଦ୍ୟତନ କରିବା ଏସ ଆଇ ଆର - ୨୦୨୬ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ସୀମା ଧାର୍ଯ୍ୟ ହୋଇଛି। ତେଣୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଅନୁରୋଧ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜ ଭୋଟର ତଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ ସଂଶୋଧନ କରି ନେବା, ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟ, ନକଲି ନାମ ଚିହ୍ନଟ କରି ଓ ମୃତ ବ୍ୟକ୍ତିଙ୍କ ନାମ ବାଦ କରିବା ସହ ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ଜନସାଧାରଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି ଏତଦ୍ ଭିନ୍ନ ଇସି ଆଇଏନ୍‌ଇଟି ଆପ ବ୍ୟବହାର କରିବା ପାଇଁ ଅବଗତ କରାଯାଇଛି। ୪୦ - ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମରେ ୨୨୦ ଜଣ ବିଏଲଓ, ୨୨ଜଣ ସୁପରଭାଇଜର, ୪ ଜଣ ଏଇଆରଓ, ଅତିରିକ୍ତ ୨ଜଣ ଏଇଆରଓ ନିୟୋଜିତ ଅଛନ୍ତି।

● ନାବାଳିକାଙ୍କୁ ନେଇ ଫେରାର ଘଟଣାରେ ନୂଆ ମୋଡ଼

## ଯୁବକଙ୍କ ଘରେ ପଶି ଭଙ୍ଗାରୁଜା ଅଭିଯୋଗ

ଚନ୍ଦନେଶ୍ୱର, ୪।୬(ସମିସ): ନାବାଳିକାଙ୍କୁ ନେଇ ଫେରାର ହୋଇଥିବା ଏକ ପ୍ରେମ ସମ୍ପର୍କ ଘଟଣାକୁ କେନ୍ଦ୍ର କରି ଭୋଗରାଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଘଟଣାରେ ପୂର୍ବରୁ ଥାନାରେ ମାମଲା ରୁଜୁ ହୋଇ ପୁଲିସ ତଦନ୍ତ ଚାଲିଥିବାବେଳେ ବୁଧବାର ଦିନ ଯୁବକଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରାଯାଇଥିବା ନେଇ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପୁଲିସ ତଦନ୍ତ ଆରମ୍ଭ କରିଛି। ଭୋଗରାଇ ବ୍ଲକ ଅଧୀନ କାନ୍ଥଭଡ଼ଁରୀ ପଞ୍ଚାୟତର କାନ୍ଥଭଡ଼ଁରୀ ଗ୍ରାମର ବାସିନ୍ଦା ବିନୋଦ ଭୋଳଙ୍କ ପୁଅ ଜଗନ୍ନାଥ ପ୍ରାୟ ୧୦ ଦିନ ତଳେ ନିକଟସ୍ଥ ଜୟରାମପୁର ଗ୍ରାମର ଜଣେ ନାବାଳିକାଙ୍କୁ ନେଇ ଘରୁ ଚାଲିଯାଇଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ପୁଲିସ ଏହାର ତଦନ୍ତ ଜାରି ରଖିଥିବାବେଳେ ଯୁବକ ଓ ନାବାଳିକାଙ୍କ ସନ୍ଧାନ ପାଇଁ ଚେଷ୍ଟା ଚଳାଇଛି। ମାମଲା ରୁଜୁ ହେବା ପରେ ଜଗନ୍ନାଥଙ୍କ ପରିବାର ଉପରେ ଚାପ ବଢ଼ିଥିବା କୁହାଯାଉଛି। ପରିସ୍ଥିତିକୁ ନେଇ ଭୟଭୀତ ହୋଇ ତାଙ୍କ ବାପା, ମାଆ ଓ ଅନ୍ୟ ପରିବାର ସଦସ୍ୟ ଘର ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହାର ସୁଯୋଗ ନେଇ ବୁଧବାର ମଧ୍ୟାହ୍ନରେ କିଛି ଲୋକ ଜଗନ୍ନାଥଙ୍କ ଘରକୁ ଆସିଥିଲେ। ସେତେବେଳେ ଘରେ କେହି ନଥିବା ଜାଣିବା ପରେ ସେମାନେ ଘରର ଗ୍ରିଲ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ ଆସବାବପତ୍ର, ଘରୋଇ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷପତ୍ରକୁ ଫିଙ୍ଗିଦେବା ସହ ବ୍ୟାପକ ଭଙ୍ଗାରୁଜା କରାଯାଇଥିଲା। ଘଟଣା ସମୟରେ ନିକଟରେ ରହୁଥିବା ଜଗନ୍ନାଥଙ୍କ ବିବାହିତ ଭଉଣୀ ଝରଣା ଦେହୁରୀ ଏହାକୁ ବିରୋଧ କରିବାକୁ ଯାଇଥିଲେ। ତେବେ ତାଙ୍କୁ ମଧ ଦୁର୍ବ୍ୟବହାର କରାଯିବା



ସହ ମାରପିଟ ଏବଂ ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଝରଣା ଦେହୁରୀ ଚନ୍ଦନେଶ୍ୱର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଭଙ୍ଗାରୁଜା ଘଟଣାରେ କିଏ କିଏ ସମ୍ପୃକ୍ତ ରହିଛନ୍ତି ଏବଂ କେତେ ପରିମାଣର କ୍ଷତି ଘଟିଛି, ତାହାର ତଦନ୍ତ କରାଯାଉଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ, ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ଆଇନଗତ ଓ ସାମାଜିକ ସ୍ତରରେ ନୂଆ ମୋଡ଼ ନେଇଛି। ପୁଲିସ ଉଭୟ ଘଟଣାର ତଦନ୍ତ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା ପାଇଁ ପଦକ୍ଷେପ ନେଉଛି।

# ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଦୁଇବର୍ଷ ହେବ ଭଡ଼ାରେ; ଶୋଇଛି ପ୍ରଶାସନ



ତେଲକୋଇ, ୪।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତରେ ସମାକୋଇ ନଦୀ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ମାର୍କେଟ କମ୍ପ୍ଲେକ୍ସ ତିଆରି ପରେ ପଞ୍ଚାୟତକୁ ଦାୟିତ୍ୱ ଭାର ଦେବାର ନିୟମ ରହିଛି। ହେଲେ, ବ୍ଲକସ୍ତରରେ ପ୍ରଶାସନିକ ଅବହେଳା ଏବଂ କିଛି ରାଜନୈତିକ ଚଞ୍ଚକତା କାରଣରୁ ଠିକାଦାର ଏହାକୁ ଦୁଇ ବର୍ଷ ହେଲା ହସ୍ତାନ୍ତର ନ କରି ଭଡ଼ା ଲଗାଇଥିବା ଅଭିଯୋଗ ହୋଇଛି। ଯାହା ଏବେ ଚର୍ଚ୍ଚାର ବିଷୟ ରହିଛି। ମାର୍କେଟ କମ୍ପ୍ଲେକ୍ସରେ ତିନୋଟି ଦୋକାନ ଘର ଲକ୍ଷାଧିକ ଟଙ୍କା ସରକାରୀ ଅର୍ଥରେ ତିଆରି ହୋଇଥିଲା। ହେଲେ ଦୋକାନ ଘରର ଭଡ଼ା ଟଙ୍କା ସରକାରୀ ତହବିଲକୁ ନଯାଇ ଠିକାଦାରଙ୍କ ପକେଟକୁ ଯାଉଛି। ଘର ଭଡ଼ା ଲଗାଯାଇ ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଛି। ଦୀର୍ଘଦିନ ଧରି ଘର ଭଡ଼ା ଲାଗିଥିଲେ ମଧ୍ୟ ଏ ସମ୍ପର୍କରେ ବ୍ଲକ ପ୍ରଶାସନ କିଭଳି ଜାଣିପାରି ନଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ଘରେ ମହୁଲ, ଶାଳ ମଞ୍ଜି ଭଳି ବନ୍ୟଜାତ ଦ୍ରବ୍ୟ ରଖାଯାଇଥିବା ନେଇ ଅନୁମାନ କରାଯାଉଛି। ତେବେ ପ୍ରଶାସନ ପକ୍ଷରୁ ସଂପୃକ୍ତ ଠିକାଦାରଙ୍କୁ ରିପୋର୍ଟ ତଲବ କରି ସେମାନଙ୍କଠାରୁ ଭଡ଼ା ଅର୍ଥ ଆଦାୟ କରି ସରକାରୀ ତହବିଲରେ ଜମା ପାଇଁ ଦାବି ହୋଇଛି।

## ୮ରେ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ

ବାରିପଦା,୪।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଜୁନ ୮ ତାରିଖରେ ବାରିପଦା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ବାରିପଦା ଉପକଣ୍ଠ ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲର ନୂତନ ବିଲ୍ଡିଂକୁ ଉଦଘାଟନ କରିବେ। ଏଥିସହିତ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡିଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି।

## ବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୪।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବଳିଆପଶି ଗ୍ରାମରେ ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବୈକୁଣ୍ଠନାଥ ନାଏକ (୩୮)। ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ତୁରୁମୁଙ୍ଗା ଥାନା ଏଏସଆଇ ସୟଦ ସଲିମ ହୁସେନ ମୃତଦେହଟିକୁ ଜବତ କରି ଏକ ଅପମୃତ୍ୟୁ ମାମଲାରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଥିବା ବେଳେ ପତ୍ନୀ ସବିତା ନାଏକ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ।

### ୬ଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନାଟକ 'ଗୋଇଠା ବାବା'

ବାରିପଦା, ୪।୬(ସମିସ):



ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଗୋଇଠା ବାବା' ଓ ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଆରଏମସି ଉପାଧ୍ୟକ୍ଷ ମଳୟ କୁମାର ଜେନା, ନାଟ୍ୟକାର କ୍ଷୀରୋଦ ବିହାରୀ ସିଟ, ଉପ ସଭାପତି ଡ ପ୍ରକାଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ କଳାକାର ପରିବାରର ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ଥିବା ଦର୍ଶକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଓ ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ଓ 'ବାସ୍ତବ' ନାଟ୍ୟ ସଂସ୍ଥା ପ୍ରଯୋଜିତ ଏବଂ ରଣଜିତ ପଟ୍ଟନାୟକଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ ନାଟକରେ ରାଜେନ୍ଦ୍ର ସାହୁ, ସୁଧାଂଶୁ ଚକ୍ର, ଧର୍ମପଦ ନନ୍ଦୀ, ସୋମନାଥ ସିଂହ, କୁନ୍ଦନ ଭଞ୍ଜ, ମନୋରଞ୍ଜନ ପରିଡା, ସତ୍ୟଜିତ ସାହୁ, ସୁବ୍ରତ କୁମାର ଦେ, ଅନ୍ନଦା ଶଙ୍କର ଦାଶ ଓ ଲିପ୍ସା ପଣ୍ଡା ଅଭିନୟ କରିଥିବା ବେଳେ ମଞ୍ଚସଜ୍ଜାରେ ନରସିଂହ ବାରିକ, ସଂଗୀତରେ ଗୁରୁ ନନ୍ଦକିଶୋର ଦାସ, ରୂପସଜ୍ଜାରେ ମନୋରଞ୍ଜନ ମହାନ୍ତ, ଆଲୋକରେ ଅନିକେତ ଦାସ ଓ ମଞ୍ଚ ପରିଚାଳନାରେ ସତ୍ୟାନନ୍ଦ ଶେଜପଡା ସହଯୋଗ କରିଥିଲେ ଓ ଆଜିର ସମାଜରେ ସାଧାରଣ ନାଗରିକଟିଏ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାର ଅପ୍ରତିହତ ଚାପକୁ ସହ୍ୟ କରିନପାରି ଗୋଇଠା ବାବା ହୋଇଯାଏ ଓ ଶେଷରେ ନିଜର କ୍ରୋଧ ଓ ଘୃଣାକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥାଏ ଓ ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ଓ ଏହି ଅବସରରେ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ତରଫରୁ ସମ୍ମାନିତ କରାଯାଇଥିଲା ଓ ଓଡିଶାର ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗୀୟ ରଣଜିତ ପଟ୍ଟନାୟକଙ୍କ ସହଧର୍ମିଣୀ ଦୀପ୍ତି ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶୁକ୍ରବାର 'ଉଜ୍ଜୟିନୀ' ନାଟ୍ୟଶାଳା ନିବେଦିତ ତଥା ସୋମନାଥ ସାହୁଙ୍କ ରଚିତ ଓ ମହେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ମିଡିଲ କ୍ଲାସ' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସିଂହ ଜଣାଇଛନ୍ତି।

## ଭାଇର ଶେଷକୃତ୍ୟରେ ଉପସ୍ଥିତ ରହିଲେ ମୁଖ୍ୟମନ୍ତ୍ରୀ

ବାଲିବନ୍ଧ, ୪।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଦିନିକିଆ ଗସ୍ତରେ କେନ୍ଦୁଝର ଆସି ନିଜ ଜନ୍ମମାଟି ରାଇକଳା ଗ୍ରାମରେ ଭାଇର ଶେଷକୃତ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବଡ଼ବାପା ପୁଅ ଭାଇ



ଦୀନବନ୍ଧୁ ମାଝୀ (୫୬) ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ ଦୀନବନ୍ଧୁ ଛାତି ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ପରିବାର ଲୋକେ ଦୀନବନ୍ଧୁଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୀନବନ୍ଧୁଙ୍କର ମୃତ୍ୟୁ ହୋଇଥିଲା। ଦୀନବନ୍ଧୁଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପରିବାର ଲୋକେ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ନିଜ ଜନ୍ମମାଟି ରାଇକଳା ଗ୍ରାମକୁ ଆଣି ଅନ୍ତିମ ସଂସ୍କାର କରିଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଜନସାଧାରଣଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ତୁରୁମୁଙ୍ଗା, ୪।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଝାଲିଆବେଡ଼ା ଜଙ୍ଗଲରେ ହାତୀ ଘଉଡ଼ାଇବା ସମୟରେ ଗୁରୁବାର ଏକ ଦନ୍ତା ହାତୀର



ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ଜ୍ୟୋତିପୁର ଗ୍ରାମର ଶୁଭମ କର। ଶୁଭମ ହାତୀ ଘଉଡାଇବା ସମୟରେ ହଠାତ୍ ଏକ ଦନ୍ତା ହାତୀ ପାଲଟା ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ଆହତ ହୋଇ ପଡ଼ି ଯାଇଥିଲେ। ବନ କର୍ମଚାରୀମାନେ ଖବର ପାଇ ତାଙ୍କୁ ତୁରନ୍ତ ଉଦ୍ଧାର କରି ଭଣ୍ଡା ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଶୁଭମଙ୍କ ମୁଣ୍ଡରେ ଆଘାତ ଲାଗିଛି।

## ଲକ୍ଷାଧିକ ଟଙ୍କାର ଶାଳ ଚୌକାଠ ଜବତ

କେନ୍ଦୁଝର, ୪।୬(ସମିସ): ପାଟଣା ବନବିଭାଗ ଗୁରୁବାର ପାଟଣା ବିଟ୍ ଅନ୍ତର୍ଗତ ନୂଆପଡା ଗ୍ରାମର ଜୁଇମଣି ମହାନ୍ତଙ୍କ ଘରେ ବନବିଭାଗ ଚଢ଼ଉ କରି ଘର ଭିତରେ ଗଚ୍ଛିତ ରଖାଯାଇଥିବା ୬୦ ପିସ ଶାଳ ଚଉକାଠ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କାର ହେବ ବୋଲି ବନପାଳ ନିରଞ୍ଜନ ସେଠୀ ସୁଚନା ଦେଇଛନ୍ତି।



ଜବତ କାଠକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ଚଢ଼ଉରେ କେନ୍ଦୁଝରର ସ୍ୱତନ୍ତ୍ର ସ୍କ୍ୱାଡ, ପାରା ସ୍କ୍ୱାଡ ଓ ପାଟଣା ବନପାଳ ଚିତ୍ତରଞ୍ଜନ ପରିଡ଼ା, ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ ସ୍ୱାଇଁ, ଯାଜ୍ଞସେନୀ ଗୋଛାୟାତ, ରୂପଶ୍ରୀ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## ନଦୀରେ ବୁଡ଼ି ନାବାଳକ ମୃତ

ହାଟଡ଼ିହୀ, ୪।୬(ସମିସ): ବୈତରଣୀ ନଦୀରେ ଗାଧୋଇବା ବେଳେ ଅଘଟଣ ଘଟି ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତ ବାଳକ ହେଉଛି ଅମୃତପୁର ଗ୍ରାମର ଚିତ୍ତରଞ୍ଜନ ଭୂତିଆଙ୍କ ସାନପୁଅ ସୌମ୍ୟରଞ୍ଜନ (୧୫)। ନନ୍ଦିପଦା ଥାନା ଅମୃତପୁର ଗ୍ରାମର କିଛି ପିଲା ସାଙ୍ଗ ହୋଇ ନିକଟସ୍ଥ ବୈତରଣୀ ନଦୀରେ ଗାଧୋଉଥିବା ସମୟରେ ଚୋରାବାଲିରେ ଗୋଡ଼ ଗଳିଯିବା ଫଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗାଁଲୋକେ ଖବର ପାଇ ଉକ୍ତ ନାବାଳକକୁ ମେଡିକାଲ ନେଇଥିଲା ବେଳେ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ନନ୍ଦିପଦା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ନୂଆପଡ଼ା ଓ ରାଜନଗରରେ ବୈତରଣୀ ବ୍ୟାରେଜ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ତୁରୁମୁଙ୍ଗା, ୪।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳ ଦେଇ ବୋହି ଯାଇଥିବା ବୈତରଣୀ ନଦୀର ନୂଆପଡା ଓ ରାଜନଗର ବୈତରଣୀରେ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଥିବା ବେଳେ ଏହା କେବେ ନିର୍ମାଣ ହେବ ସେନେଇ ଆଶା ଆଶଙ୍କାରେ ରହିଛନ୍ତି ଅଞ୍ଚଳବାସୀ। ସ୍ଥାନୀୟ ଚାଷୀଙ୍କ ଦାବିକୁ ଗୁରୁତ୍ୱ ନେଇ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଲୋକଙ୍କ ଦାବି ଓ ସମସ୍ୟାକୁ ଅବଗତ କରାଯାଇଛନ୍ତି। ପାଟଣା ବ୍ଲକର ଟାଙ୍ଗରପଡା ପଞ୍ଚାୟତର ନୂଆପଡା ଏବଂ ରାଜନଗର ପଞ୍ଚାୟତର ରାଜନଗରଠାରେ ବ୍ୟାରେଜ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସ୍ୱଳ୍ପ ବର୍ଷା କାରଣରୁ ଅଞ୍ଚଳରେ ଚାଷ କାମ ଆଗେଇ ପାରୁ ନଥିବା ବେଳେ ମରୁଡି ପରିସ୍ଥିତି ସୃଷ୍ଟି ହେଉଥିବାରୁ ବ୍ୟାରେଜ ନିର୍ମାଣ ହେଲେ ଏହି ସମସ୍ୟା ଦୂର ହୋଇପାରିବ ବୋଲି ସେ ଜଣାଇଛନ୍ତି। ଏହି ୨ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ କରାଗଲେ କେବଳ କୃଷି କ୍ଷେତ୍ର ନୁହେଁ; ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ମଧ୍ୟ ବେଶ୍ ସହାୟକ ହେବା ସହ ଭୂତଳ ଜଳ ସ୍ତର ବୃଦ୍ଧି ସଂରକ୍ଷଣ ଓ ସାମଗ୍ରିକ ବିକାଶ କ୍ଷେତ୍ର ପାଇଁ ସହାୟକ ହେବ। ବ୍ୟାରେଜ ହେଲେ ବହୁବିଧ ବିକାଶର ସୁଯୋଗ ଥିବାରୁ ଏଥିପ୍ରତି ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାପାଇଁ ବିଧାୟକ ଶ୍ରୀ ନାଏକ ଅନୁରୋଧ କରିଛନ୍ତି। ସ୍ଥାନୀୟ ଲୋକ ଓ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ବିଧାୟକଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।

## ୧.୨ କ୍ୱିଣ୍ଟାଲ କେନ୍ଦୁପତ୍ର ଜବତ; ଜଣେ ଗିରଫ

ବେତନଟୀ, ୪।୬(ସମିସ): ବେତନଟୀ ପୁଲିସ ପାଟ୍ରୋଲିଂ ଟିମ ମଙ୍ଗଳବାର ୧୮ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ ସମୟରେ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଏକ ବାଇକ୍‌କୁ ଅଟକାଇ ୧ କୁଇଣ୍ଟାଲ ୨୦ କିଲୋଗ୍ରାମ କେନ୍ଦୁପତ୍ର ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବାଇକ୍‌କୁ ପୁଲିସ ସନ୍ଦେହ ଆଧାରରେ ଯାଞ୍ଚ କରିଥିଲା। ଯାଞ୍ଚରେ ବାଇକ୍‌ରେ କେନ୍ଦୁପତ୍ର ଥିବା ଜଣାପଡ଼ିବା ପରେ ବାଇକ୍, କେନ୍ଦୁପତ୍ର ଓ ଚାଲାଣକାରୀ କ୍ଷେତ୍ରମୋହନ ପୁହାଣ (୬୨)ଙ୍କୁ ଧରି ବେତନଟୀ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ସଦର ଥାନା ଅଧୀନ ଗଣ୍ଡର୍ଦା ଗ୍ରାମର ସ୍ୱର୍ଗତ ଚିନ୍ତାମଣି ପୁହାଣଙ୍କ ପୁଅ ବୋଲି ଜଣାପଡିଛି। ବେତନଟୀ ବନପାଳ କାର୍ତ୍ତିକ ରାଉତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଜବତ କେନ୍ଦୁପତ୍ର ଚୋରାଚାଲାଣ ପ୍ରତି ପ୍ରଶାସନିକ କଟକଣା ଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।

## ଅଶ୍ଳୀଳ ବାର୍ତ୍ତା ଓ ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ରାସଗୋବିନ୍ଦପୁର,୪।୬(ସମିସ): ଜଣେ ଯୁବତୀଙ୍କ ଫଟୋ ଓ ଅଶ୍ଳୀଳ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ରାସଗୋବିନ୍ଦପୁର



ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ମୁସାମାରୀ ଗ୍ରାମର କାହ୍ନୁଚରଣ ମୁର୍ମୁ (୨୨)। ଏହି ଘଟଣା ସମ୍ପର୍କରେ ରାସଗୋବିନ୍ଦପୁର ଥାନାରେ ୩୧୦/୨୬ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବାବେଳେ ପୁଲିସ ସାଇବର ଅପରାଧ ଓ ସୋସିଆଲ ମିଡିଆର ଦୁରୁପଯୋଗ ବିରୋଧରେ ସତର୍କ ରହିବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛି।

## ୩ ନାବାଳିକା ଅପହରଣ ଅଭିଯୋଗ

ବଡ଼ସାହି, ୪।୬(ସମିସ): ବଡ଼ସାହି ଥାନା ଅଧୀନ ଇଟିମୁଣ୍ଡିଆ, ଖୁଣ୍ଟାପାଳ ଓ ଶ୍ରୀରାମପୁର ଗ୍ରାମର ୩ ଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ସେମାନଙ୍କ ଅଭିଭାବକ ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପିଆର୍‌ଏମ୍‌ରେ ରୋଗୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ମାସାଆର୍ମୀର ଦାବି

ବାରିପଦା,୪।୬(ସମିସ): ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସେବାର ଅବ୍ୟବସ୍ଥା ପୁଣିଥରେ ପଦାକୁ ଆସିଛି। ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ଷ୍ଟ୍ରେଚର ଓ ହ୍ୱିଲଚେୟାର ଉପଲବ୍ଧ ନଥିବାରୁ ଗୁରୁତର ଓ ଅସହାୟ ରୋଗୀଙ୍କୁ ସମ୍ପର୍କୀୟ କାନ୍ଧରେ ବୋହି ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ବିଭାଗକୁ ନେବାକୁ ବାଧ ହେଉଛନ୍ତି। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ପୁଅ ତା'ର ରୋଗୀଣା ମାଆଙ୍କୁ କାନ୍ଧରେ ବୋହି ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ଗୃହକୁ ନେଉଛନ୍ତି। ଏହି ଦୃଶ୍ୟ ସରକାରୀ ସ୍ୱାସ୍ଥ୍ୟ ସେବାର ଦୁର୍ବଳ ଚିତ୍ରକୁ ପ୍ରକାଶ କରୁଛି। ମୟୂରଭଞ୍ଜ ଭଳି ବିଶାଳ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ହୋଇଥିବା ସତ୍ତ୍ୱେ ରୋଗୀଙ୍କ ପାଇଁ ମୌଳିକ ସୁବିଧାର ଅଭାବ ଅତ୍ୟନ୍ତ ଦୁଃଖଦାୟକ। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ତାଙ୍କ ପରିବାର ଲୋକ ଏହି ସମସ୍ୟା ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ନେଇ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରୋଗୀଙ୍କୁ ମାନବିକ ଓ ମର୍ଯ୍ୟାଦାପୂର୍ଣ୍ଣ ସେବା ଯୋଗାଇବା ସରକାର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ତୁରନ୍ତ ହସ୍ପିଟାଲରେ ପର୍ଯ୍ୟାପ୍ତ ସଂଖ୍ୟକ ଷ୍ଟ୍ରେଚର ଓ ହ୍ୱିଲଚେୟାର ଯୋଗାଇବା ସହ ରୋଗୀ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସେ ଦାବି କରିଛନ୍ତି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏ, ତେବେ ସଂଗଠନ ପକ୍ଷରୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ମାସାଆର୍ମୀ ପକ୍ଷରୁ ଚେତାବନୀ ଦିଆଯାଇଛି।

### ● ବିବାଦରେ ଅଙ୍ଗନବାଡ଼ି କୋଠାର ଜାଗା

## ଗଛ ମୂଳରେ ପଢୁଛନ୍ତି କୋମଳମତି ଶିଶୁ

ତୁରୁମୁଙ୍ଗା, ୪।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ବଲାଣିପଶି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଗୁରୁବାର ଦେଖିବାକୁ ମିଳିଛି ପ୍ରାକ୍‌ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ତତଲା ଖରା ସାଙ୍ଗକୁ ଗୁଳୁଗୁଳିରେ ଏକ ଗଛ





ମୂଳରେ କୁନି କୁନି ଛୁଆ ପଢ଼ିବା, ଗଛ ତଳେ ବସି ଖାଉଥିବା ଦୃଶ୍ୟ ଶିକ୍ଷା ବ୍ୟବସ୍ଥା ଏବଂ ଶିଶୁ ତଥା ସମାଜର ଭବିଷ୍ୟତ ଉପରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଗ୍ରାମର ରମେଶଚନ୍ଦ୍ର ମହାନ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଅପ୍ରେଲ ୨୫ରୁ ଚାବି ପକାଇବା ସହ ବାରଣ୍ଡାରେ ସାଇକଲ ରଖିଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ୧୬ ବର୍ଷ ତଳୁ ଅଙ୍ଗନବାଡ଼ିର କୋଠା ସରକାରୀ ଜମିରେ ଥିବା ବେଳେ ରମେଶ ମହାନ୍ତଙ୍କ ଅଳ୍ପ ପଟା ଜମି ରହିଛି। ନିଜ ଜାଗାରେ ଅଙ୍ଗନବାଡ଼ି କେନ୍ଦ୍ର ଥିବା ଦାବି କରି ରମେଶ ଅଙ୍ଗନବାଡ଼ି କେନ୍ଦ୍ରକୁ ଦୀର୍ଘଦିନ ଧରି ଚାବି ପକାଇ ରଖିଛନ୍ତି। ସେହି ଘରେ ସାଇକଲ ରିପେୟାରିଂ ଦୋକାନ ଚଳାଇଥିଲେ ହେଁ ପ୍ରଶାସନ ଏପର୍ଯ୍ୟନ୍ତ କୋମଳମତି ଶିଶୁଙ୍କ ଭବିଷ୍ୟତ ଓ ଜୀବନକୁ ଅଣଦେଖା କରି ନିରବଦ୍ରଷ୍ଟା ସାଜିଛି। ଉକ୍ତ ଦିନଠାରୁ ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ପିଲାଙ୍କୁ ନିଜ ଘର ବାରଣ୍ଡାରେ ପାଠ ପଢ଼ାଇ ଆସୁଥିଲେ। ଗୁରୁବାର ବେଶୀ ପିଲା ହେବାରୁ ବାରଣ୍ଡାରେ ଜାଗା ନହେବାରୁ ସେ ବାଧ ହୋଇ ଗଛ ମୂଳରେ ପଢ଼ାଇବା ସହ ଖାଇବାକୁ ଦେଇଥିବା ଅଙ୍ଗନବାଡି କର୍ମୀ ସୁରେଖା କହିଛନ୍ତି।

## ଅଂଶୁଘାତରେ ଟଳି ପଡ଼ିଲେ ଯୁବକ

ଆନନ୍ଦପୁର, ୪।୬(ସମିସ): ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତର ପଇତାପାଣି ଗ୍ରାମର ବାମଦେବ ଖଣ୍ଡା ନାମକ ଯୁବକଙ୍କର ଆଜି ଅଂଶୁଘାତରେ ମୃତ୍ୟୁ ହୋଇଯାଇଛି। ସେ ନିଜ ବିଲରେ ହଳ ହେଉଥିବା କାର୍ଯ୍ୟର ତଦାରଖ କରି ଘରକୁ ଫେରୁଥିଲେ। ପ୍ରବଳ ଖରା ତାତି ଏବଂ ଅସହ୍ୟ ଗୁଳୁଗୁଳି ପ୍ରଭାବରେ ଶ୍ରୀ ଖଣ୍ଡା ବିରିଡିହା ଛକରେ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଯୁବାଚାଷୀ ଭାବେ ଅଞ୍ଚଳରେ ପରିଚିତ।



## ଉଦଳାରେ ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଚାର ପାଇଁ ବିଶେଷ ପଦକ୍ଷେପ

ଉଦଳା, ୪।୬(ସମିସ):ଉଦଳା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଏହାର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ସହଯୋଗ କରିବା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉଦଳା ଅଟୋ ମାଲିକ ସଂଘକୁ ଅନୁରୋଧ କରାଯାଇଥିଲା।




ପ୍ରଶାସନର ଅନୁରୋଧ ରକ୍ଷା କରି ଅଟୋ ମାଲିକ ସଂଘ ପକ୍ଷରୁ ପ୍ରାୟ ୬୦ଟି ଅଟୋ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚାଇବା ପରେ ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଅଟୋରେ ପୋଷ୍ଟର ଲଗାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ଅଟୋଗୁଡ଼ିକ ଉଦଳା ସହରରୁ ତାଙ୍କର ବିଭିନ୍ନ ଗନ୍ତବ୍ୟ ସ୍ଥଳୀକୁ ବାହାରିଥିଲେ। ଅନୁରୂପ ଭାବେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଘରୋଇ ବସ ମାଲିକ ସଂଘଙ୍କୁ ମଧ୍ୟ ଏଥି ନିମନ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ଅନୁରୋଧ କରାଯାଇଥିଲା। ବସ ମାଲିକ ସଂଘ ପକ୍ଷରୁ ମଧ୍ୟ ପ୍ରାୟ ୪୦ଟି ବସରେ ପୋଷ୍ଟର ମାରିବା କାର୍ଯ୍ୟକ୍ରମ ଆସନ୍ତାକାଲି ରଖାଯାଇଛି ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ। ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା, ସହକାରୀ ଜିଲ୍ଲାପାଳଙ୍କ ପ୍ରବୀଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରାଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମାନସ ନାୟକ, ରାଉତରାୟ ମୁର୍ମୁ, ସତ୍ୟପ୍ରକାଶ ପାତ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ୪ ଆହତ, ଦୁଇ ଗୁରୁତର

ବେତନଟୀ, ୪।୬(ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରା ଛକ ନିକଟରେ ଗତକାଲି ରାତିରେ ଦୁର୍ଘଟଣା ଘଟିଛି। ଗୋଟିଏ ବାଇକ୍ ରାସ୍ତାରେ ଚାଲି ଚାଲି ଯାଉଥିବା



ଜଣେ ପଥଚାରୀଙ୍କୁ ଧକ୍କା ଦେବା ଫଳରେ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଣାପଡ଼ିଛି। ଦୁର୍ଗାଦେବୀ ନିକଟସ୍ଥ ମଣନାଥପୁର ଗ୍ରାମର ତିନିଜଣ ଯୁବକ ପାଦର ସିଂଙ୍କ ପୁଅ ତରୁଣ ସିଂ (୩୨), କଣିଆ ସିଂଙ୍କ ପୁଅ ଗଣେଶ ସିଂ (୨୫), ଶଙ୍କରୁ ସିଂଙ୍କ ପୁଅ ଆକାଶ ସିଂ (୨୫) ବାଇକ୍ ଆସୁଥିବା ସମୟରେ ରାସ୍ତାରେ ଚାଲି ଚାଲି ଆସୁଥିବା ନାଖରା ଗ୍ରାମର ଗଙ୍ଗାଧର ଜେନାଙ୍କ ପୁଅ ଧନେଶ୍ୱର ଜେନା (୩୫)ଙ୍କୁ ଧକ୍କା ଦେଇଥିଲେ। ଧକ୍କାରେ ଧନେଶ୍ୱର ଓ ବାଇକ୍ ତରୁଣ ସିଂ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ଦୁଇ ଯୁବକ ଗଣେଶ ଓ ଆକାଶ ମଧ୍ୟ ଆହତ ହୋଇଥିଲେ। ଗୁରୁତର ଆହତଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ଲୋକ ଓ ପରିବାର ଲୋକଙ୍କ କହିବାନୁଯାୟୀ ରାତିରେ ରାସ୍ତାରେ ଆଲୋକ ନ ଥିବାରୁ ନିଶାଗ୍ରସ୍ତ ଚାଳକ ଓ ଅଧିକ ବେଗ ହିଁ କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ବୈଶିଙ୍ଗା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

**ବନ୍ଧରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣା**

# ହତ୍ୟା ଅଭିଯୋଗ କଲେ ପରିବାର ଲୋକ

ରାଇରଙ୍ଗପୁର,୪।୬(ସମିସ):

ରାଇରଙ୍ଗପୁରସ୍ଥ ଦେଓଗାମ କୋଚିଂ ସେଣ୍ଟରରେ ରହି କୋଚିଂ ନେଉଥିବା ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ନେଇ ପରିବାର ଲୋକ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଉକ୍ତ ଛାତ୍ରଙ୍କୁ ହତ୍ୟା କରାଯାଇ ରାଇରଙ୍ଗପୁରସ୍ଥିତ ବଡ଼ ବନ୍ଧରେ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ର ଜଣକ ତିରିଂ ଥାନା ଅଞ୍ଚଳ ଦେଓଗାମ ଗ୍ରାମର ଗାର୍ଦି ବୈପାଇଙ୍କ ପୁତ୍ର ସୁବାସିଶ ବୈପାଇ(୧୪)। ପୁଅର ମୃତ୍ୟୁ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ନ୍ୟାୟ ଦାବି କରି ଆଜି ମୃତ ଛାତ୍ରଙ୍କ ବାପା ଗାର୍ଦି ବୈପାଇ



ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଗାର୍ଦି ବୈପାଇ ନିଜର ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ସୁବାଶିଷ ବୈପାଇକୁ ରାଇରଙ୍ଗପୁରସ୍ଥ ଦେଓଗାମ କୋଚିଂ ସେଣ୍ଟରରେ ଗତ ମେ' ମାସ ୧ ତାରିଖ ଦିନ ସମର କୋଚିଂ ନିମନ୍ତେ ଭର୍ତ୍ତି କରିଥିଲେ। ୧୭ ତାରିଖ ଦିନ ସନ୍ଧ୍ୟାରେ ଗାର୍ଦି ବୈପାଇଙ୍କୁ କୋଚିଂ ସେଣ୍ଟରର ମାଲିକ ଚନ୍ଦ୍ର ମୋହନ ଦେଓଗାମ ଫୋନ ଯୋଗେ ଜଣାଇଥିଲେ କି ଆପଣଙ୍କ ପୁଅ ସୁବାଶିଷ ବୈପାଇ ହୋଷ୍ଟେଲରୁ କୁଆଡେ ଚାଲିଯାଇଛି। ସେହି

### କ୍ରାଇମବ୍ରାଞ୍ଚ ତଦନ୍ତ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଦିନ ଗାର୍ଦି ବୈପାଇ ରାଇରଙ୍ଗପୁର ଥାନାରେ ଏକ ନିଖୋଜ ମାମଲା ଦାୟର କରିଥିଲେ। ପରଦିନ ୧୮ ତାରିଖ ସନ୍ଧ୍ୟାରେ ରାଇରଙ୍ଗପୁର ନିକଟ ଏକ ବନ୍ଧ ପୋଖରୀରେ ସୁବାଶିଷ ବୈପାଇର ମୃତଦେହ ପାଣିରୁ ଉଦ୍ଧାର କରାଯାଇଥିଲା। ସେହି ଦିନ ଗାର୍ଦୀ ବୈପାଇ ରାଇରଙ୍ଗପୁର ଥାନାରେ ପୁଣି ଏକ ହତ୍ୟା ମାମଲା ରୁଜୁ କରିଥିଲେ। ଛୁଆକୁ କୋଚିଂ ସେଣ୍ଟରରେ ପଢୁଥିବା ଅନ୍ୟ ଛାତ୍ର କିମ୍ବା କୋଚିଂ ସେଣ୍ଟର ମାଲିକ ହତ୍ୟା କରିଥାଇପାରନ୍ତି ବୋଲି ଅଭିଯୋଗ କରିଥିଲେ। କିନ୍ତୁ ରାଇରଙ୍ଗପୁର ଥାନାରୁ କୌଣସି ସନ୍ତୋଷଜନକ ନ୍ୟାୟ ନ ପାଇବାରୁ ନିରାଶ ହୋଇ ଆଜି କ୍ରାଇମ ବ୍ରାଞ୍ଚ ତଦନ୍ତ ଦାବି କରି ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରିଛନ୍ତି। କ୍ରାଇମ ବ୍ରାଞ୍ଚ ତଦନ୍ତ କରି ପୁଅକୁ ହତ୍ୟା କରିଥିବା ସମସ୍ତ ଦୋଷୀକୁ ଧରାଯାଇ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି। ଯଦି ଶୀଘ୍ର ନ୍ୟାୟ ପ୍ରଦାନ କରା ନ ଯାଏ ଓ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନ ଯାଏ, ତେବେ ସେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ‘ସକାଳ’ ପ୍ରଭାବ: ମିଳିଲା ହରିଶ୍ଚନ୍ଦ୍ର ସହାୟତା

ଦୋଳସାହି,୪।୬(ସମିସ): ସରକାରଙ୍କ ପକ୍ଷରୁ ଶବ ସଂସ୍କାର ନିମନ୍ତେ ମିଳୁଥିବା ସରକାରୀ ସହାୟତା ଦୀର୍ଘ ୮ ମାସ ଧରି ଗୁଆମାଳ ପଞ୍ଚାୟତରେ ମିଳୁ ନ ଥିବା ନେଇ ଦୈନିକ “ସକାଳ”ରେ ଖବର ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ଏହି ସହାୟତା ଅର୍ଥ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତରେ ଗତ ୮ ମାସ ଧରି ୨୫ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ମିଳୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଅବଗତ ହୋଇଥିଲେ। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ କୁମାର ପଣ୍ଡା ଏହି ସହାୟତା ଅର୍ଥ ପ୍ରଦାନ କରିଥିବା ଜଣାଯାଇଛି।

## ପୂଜ୍ୟପୂଜା ସଂସଦ ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ଧୂଷୁରୀ,୪।୬(ସମିସ): ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜ୍ୟପୂଜା ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍‌ରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କ ଅଭିଭାବକ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ପୂଜ୍ୟପୂଜା ସଂସଦର ସ୍ଥାୟୀ ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସଂସଦର ପ୍ରତିଷ୍ଠାତା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସଂସଦର ସମ୍ପାଦକ ଅକ୍ଷୟ ହୋତା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ରମାକାନ୍ତ ପରିଡ଼ା, ଦୟାନିଧି ମିଶ୍ର, ଡ. ଗିରିଶ ଚନ୍ଦ୍ର ନାୟକ, ବିଜୟ ନାରାୟଣ ମିଶ୍ର, ଅନିଲ ଦାସ, ନରେନ୍ଦ୍ର ନାରାୟଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ତ୍ରିପାଠୀ, ରତ୍ନାକର ବେହୁରିଆ, ସୁରେନ୍ଦ୍ର ରାଉତ, ବ୍ରଜେନ୍ଦ୍ର ମହାନ୍ତି, ଅମୂଲ୍ୟ ସାଏନ୍ତ, ଜଗଦାନନ୍ଦ ସେଠୀ, ରାଜେନ୍ଦ୍ର ପଲାଇ, ବିଜୟ ସାହୁ, ରଘୁନାଥ ସ୍ୱାଇଁ, ସାନ୍ତନୁ ପଲାଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ‘ମୋ ଗାଁ ମୋ ତହସିଲ୍’ ଅନ୍ତର୍ଗତ ରାଜସ୍ୱ ମହାସମାଧାନ ଶିବିର

ବନ୍ତ/ଆଗରପଡ଼ା,୪।୬(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ ‘ମୋ ଗାଁ ମୋ ତହସିଲ୍’ କାର୍ଯ୍ୟକ୍ରମ ଅନ୍ତର୍ଗତ ବନ୍ତ ତହସିଲ୍ ଅଧୀନ ଛୟାଳସିଂହ ଗ୍ରାମ ପଞ୍ଚାୟତରେ ଏକ ରାଜସ୍ୱ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା। ଆର୍‌ଓଆର୍‌ର ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ଅଧୀନରେ ଆବେଦନ ଗ୍ରହଣ, ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତାହାର ସମାଧାନ କରାଯାଇଥିଲା। ଏହା ସହିତ ଜମିଜମା ସମ୍ବନ୍ଧୀୟ ବିବାଦ, ରାଜସ୍ୱ ମାମଲା ଏବଂ ଅନ୍ୟାନ୍ୟ ଆବେଦନଗୁଡ଼ିକର ଶୁଣାଣି କରାଯାଇ ସମ୍ଭବପର ସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବାର ସୁବିଧା ଗ୍ରହଣ କରିଥିଲେ। ସରକାରଙ୍କ ଏହି ଜନମୁଖୀ ପଦକ୍ଷେପ ମାଧ୍ୟମରେ ରାଜସ୍ୱ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ସହ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯାଉଥିବା ବନ୍ତ ତହସିଲ ପକ୍ଷରୁ ପ୍ରକାଶ କରାଯାଇଛି।

## ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ ଶିବିର



ଭଣ୍ଡାରିପୋଖରୀ,୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ସଭାକକ୍ଷରେ ୬ ଦିନବ୍ୟାପୀ ଶିକ୍ଷକ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ପ୍ରଥମ ଦିବସର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ବର ନାଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କେନ୍ଦୁଝରର ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନପ୍ରାପ୍ତ ଶିକ୍ଷକ କ୍ଷମାକର ବେହେରା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମୌଳିକ ସ୍ତର, ପ୍ରସ୍ତୁତି ସ୍ତର ତଥା ମଧ୍ୟମ ସ୍ତରର ଶ୍ରେଣୀମାନଙ୍କରେ କିପରି ଇଂରାଜୀ ସହଜ ଓ ସାବଲୀଳ ଢଙ୍ଗରେ ଶିକ୍ଷାଦାନ କରିଯିବ ତାହାର କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ହାଟଡିହୀ ବ୍ଲକ୍‌ର ସମ୍ବଳ ବ୍ୟକ୍ତି ଶିକ୍ଷକ ନିରାକାର ଜେନା ଯୋଗଦେଇ ଶିକ୍ଷଣ କାର୍ଯ୍ୟରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ଏହାର ନିର୍ମାଣଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷାର୍ଥୀମାନେ ବହୁ ଶିକ୍ଷଣ ସାମଗ୍ରୀ ମଧ୍ୟ ନିଜେ ତିଆରି କରିଥିଲେ। ତୃତୀୟ ଦିବସରେ ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଛାୟତ ଯୋଗଦେଇ ଭାଷା ଶିକ୍ଷଣର କଳା କୌଶଳ ସହିତ ନୂତନ ପାଠ୍ୟକ୍ରମର ରୂପରେଖ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଚତୁର୍ଥ ଦିବସରେ ଯାଜପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଆଶୁତୋଷ ବଳ ଯୋଗଦେଇ ମାଧ୍ୟମିକସ୍ତରରେ ଗଣିତ ଶିକ୍ଷାର ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଶେଷ ଦୁଇ ଦିବସରେ ପ୍ରଶିକ୍ଷାର୍ଥୀମାନେ ଶିକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଦିବସରେ ପ୍ରାଚୀର ପତ୍ରିକା ଜ୍ଞାନ ବୃକ୍ଷ, ପଲ୍ଲୀ ପରିକ୍ରମା, ଶିକ୍ଷା ହିଁ ଶକ୍ତି, ସା ବିଦ୍ୟା ଯା ବିମୁକ୍ତୟେ, ବିଦ୍ୟା ଦଦାତି ବିନୟମ୍ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତି ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ, କବି ପବନ ନାୟକ ପ୍ରଶିକ୍ଷକଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୩୫ ଜଣ ଗୁରୁମା’ ଓ ଗୁରୁଜୀ ପ୍ରଶିକ୍ଷଣ ନେଇଥିଲେ।

### ‘ବିଧାୟକ ମେଧା ସମ୍ମାନ-୨୦୨୬’ ପ୍ରଦାନ ଉତ୍ସବ

# ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଦୋବଲ,୪।୬(ସମିସ)



ଧାମନଗର ମହାବିଦ୍ୟାଳୟରେ ଗୁରୁବାର ଚଳିତ ବର୍ଷର ସ୍ୱତନ୍ତ୍ର ‘ବିଧାୟକ ମେଧା ସମ୍ମାନ-୨୦୨୬’ ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ନିଜ ହାତ ପାଣ୍ଠି ଅନୁଦାନରେ ସାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ମାତ୍ର ୬ ମାସ ମଧ୍ୟରେ ସମଗ୍ର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଶିକ୍ଷାର ଉତ୍ତରୋତ୍ତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସ୍‌ଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ସାରସ୍ୱତ ସମାରୋହରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ୍ ୧୩ ଜଣ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ‘ସୁରଭି’ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କୃତୀ ଛାତ୍ର ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିହିଡ଼ି ବ୍ଲକ୍ ଦୋଳସାହିସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କୃତୀ ସଂସଦର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର, ଟ୍ରଫି ସହ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଓ ସର୍ବାଙ୍ଗୀଣ ପ୍ରଦର୍ଶନ କରି ମହତାବନଗରସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ ‘ବେଷ୍ଟ ପର୍‌ଫର୍ମିଂ ସ୍କୁଲ’ ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛି। ବିଦ୍ୟାଳୟସ୍ତରୀୟ ପରିଚାଳନା କ୍ଷେତ୍ରରେ ନିଜ ନିଜ ସ୍କୁଲରୁ ସର୍ବାଧିକ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ହାସଲ କରାଇ ସୁନାମ ଆଣିଥିବାରୁ ସହିଦନଗର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂହଙ୍କୁ ସମ୍ମାନଜନକ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଉଚ୍ଚ ପ୍ରଶଂସିତ କରାଯାଇଛି।

ଅନ୍ୟପକ୍ଷରେ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ (ସ୍କୁଲ୍ ଛାଡ଼ିବା ହାର) ହ୍ରାସ କରିବାରେ ଉଲ୍ଲେଖନୀୟ ଏବଂ ଆଦର୍ଶ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଭିତ୍ତିଭୂମିର ଅଧିକ ବିକାଶ ଲାଗି ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି। ଏହା ସହିତ ଏହି ବିଦ୍ୟାଳୟର ସଫଳ ଅଧ୍ୟକ୍ଷ ଖଗେଶ୍ୱର ଜେନାଙ୍କୁ ‘ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ’ ରୂପେ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସେହିପରି ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ହାର ଅଭିବୃଦ୍ଧି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଓ ଶିକ୍ଷା ପ୍ରତି ଅତୁଳନୀୟ ସମର୍ପଣ ପାଇଁ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ଏବଂ ଏହାର ଦକ୍ଷ ପ୍ରଧାନଶିକ୍ଷକ କାଳୀପଦ ଦାସଙ୍କୁ ‘ଏନ୍‌ରୋଲ୍‌ମେଣ୍ଟ ଇନ୍‌କ୍ରିଜ୍ ଆୱାର୍ଡ’ ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗାଁ ଭାବେ ନଦୀଗାଁ ଘୋଷିତ



ଧାମନଗର,୪।୬(ସମିସ): ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା’ ଅନ୍ତର୍ଗତ ମଡେଲ୍ ସୌର ଗ୍ରାମ (ଏମ୍‌ଏସ୍‌ଭି) କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଧାମନଗର ବ୍ଲକ୍ କାର୍ଯ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ନିର୍ବାଚନମଣ୍ଡଳୀର ନଦୀଗାଁକୁ ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ଘୋଷଣା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ଯନ୍ତ୍ରୀ (ସୋଲାରାଇଜେସନ୍) ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ର ନାଥ ସାହୁ ଏବଂ ଓରେଡା ଲିମିଟେଡ୍‌ର ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଅସୀମା ଅରୁଣିମା ପ୍ରମୁଖ ଉପସ୍ଥିତ ଥିଲେ। ମଡେଲ୍ ସୌର ଗ୍ରାମ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ସୌର ଶକ୍ତି ଆଧାରିତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା। ଏହା ମାଧ୍ୟମରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଢ଼ି ତୋଳାଯିବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ଗତ ୩ ମାସ ଧରି ଭଦ୍ରକ ଜିଲ୍ଲାର ୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା। ଏଥିରେ ନଦୀଗାଁ ଗ୍ରାମ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନ ସହାୟତାରେ ଗ୍ରାମର ବିଭିନ୍ନ ସାର୍ବଜନୀନ ସ୍ଥାନରେ ସୌର ଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ଲିମିଟେଡ୍ ମାଧ୍ୟମରେ ସୌର ଷ୍ଟ୍ରିଟ୍‌ଲାଇଟ୍, ସୌର ଜଳ ଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରି ସହ ଅନ୍ୟାନ୍ୟ ସୌରଚାଳିତ ଭିତ୍ତିଭୂମି ପ୍ରକଳ୍ପ ସ୍ଥାପନ କରାଯିବ। ନଦୀଗାଁ ଗ୍ରାମରେ ସୋଲାରାଇଜେସନ୍ ପାଇଁ ମୋଟ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୧୧୫ଟି ପରିବାରରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ୮୦ଟି ପରିବାରକୁ ଶୀଘ୍ର ସୋଲାରାଇଜେସନ୍ ସମ୍ପନ୍ନ କରିବାକୁ ମନ୍ତ୍ରୀ ସରପଞ୍ଚଙ୍କ ଉପସ୍ଥିତିରେ ଉତ୍ସାହିତ କରିଛନ୍ତି। ସୋଲାରାଇଜେସନ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ଏକ ସ୍ପଟ୍ ରେଜିଷ୍ଟ୍ରେସନ୍ ଡେସ୍କ ମଧ୍ୟ ଖୋଲାଯାଇଥିଲା, ଯେଉଁଠାରେ ଲୋକମାନେ ସିଧାସଳଖ ପଞ୍ଜୀକରଣ କରି ଯୋଜନାର ସୁବିଧା ପାଇପାରିବେ।

## ସ୍ୱାସ୍ଥ୍ୟକେନ୍ଦ୍ର ଓ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ଅସୁରାଳି/ଧୂଷୁରୀ,୪।୬(ସମିସ): ଧାମନଗର ଅଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗରଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏକ ଆଧୁନିକ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହତାବନଗର (ବେତାଳିଗାଁ)ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦ୍ୱାରା ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ। ଏହି ଆଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ସେବା ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ନିକଟରେ ହିଁ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଧାମନଗରର ପ୍ରତିଟି ନାଗରିକଙ୍କ ସୁରକ୍ଷା ଓ ସେବା ପାଇଁ ସରକାରଙ୍କ ଏହି ପ୍ରୟାସ ନିରନ୍ତର ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଅଶୋକ ପୁହାଣ, ଅନ୍ତର୍ଯ୍ୟାମୀ ପତି, ଚତୁର୍ଭୁଜ ନାୟକ, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ରଞ୍ଜନ ମହାନ୍ତି, ଗୋବର୍ଦ୍ଧନ ମଲ୍ଲିକ, ସୁଶାନ୍ତ ନାୟକ, ହରିହର ସାହୁ, ଦୀପକ ମହାନ୍ତି, ପ୍ରକାଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଉପଯୁକ୍ତ ସୁଯୋଗ ଓ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ବହୁ ପ୍ରତୀକ୍ଷିତ ସହିଦ ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ। ଏହି ଅବସରରେ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ସରକାରଙ୍କ “ପଡ଼ିଆରୁ ପୋଡିୟମ୍’ ନାରାକୁ ବାସ୍ତବ ରୂପ ଦେଇ ଧାମନଗରରୁ ରାଜ୍ୟ ତଥା ଜାତୀୟସ୍ତରର ଚାମ୍ପିଅନ ସୃଷ୍ଟି କରିବା ଦିଗରେ ଏହି ପ୍ରୟାସ ଜାରି ରହିବ। ଏହି ଆଧୁନିକ ଷ୍ଟାଡିୟମ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର କୃତୀ କ୍ରୀଡ଼ାବିତ୍ ଓ ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ସହ ଖେଳିବାର ଉତ୍ତମ ସୁଯୋଗ ପାଇପାରିବେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ବିଡିଓ ବନବିହାରୀ ଧନ୍ଦା, ସ୍ଥାନୀୟ ସରପଞ୍ଚ ମୀନତି ସାହୁ, ହରିହର ପାତ୍ରୀ ଏବଂ ଯନ୍ତ୍ରୀ ନବଘନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



## ମରାମତି ହେଲା ସୁରକ୍ଷା ପାଚେରିର ଫଟା କାନ୍ଥ




ବନ୍ତ/ଆଗରପଡ଼ା,୪।୬(ସମିସ): ଗତ ମେ’ ୨୨ ତାରିଖ ‘ନିର୍ମାଣକୁ ୨ ମାସ ନ ପୂରୁଣୁ କାନ୍ଥ ଫାଟି ଆଁ’ ଶୀର୍ଷକ ଖବର ଦୈନିକ ‘ସକାଳ’ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ଫଟା କାନ୍ଥର ମରାମତି କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଜାନୁଆରୀ ୧୮ ତାରିଖରେ ‘ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର; ବାରମ୍ବାର ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୂନ୍’ ଶୀର୍ଷକ ଖବର ଦୈନିକ ‘ସକାଳ’ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସରେ ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟିର ମରାମତି କରାଯିବା ସହ ଏହାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣକୁ ୨ ମାସ ନ ପୂରୁଣୁ ସୁରକ୍ଷା ପାଚେରିର ବିଭିନ୍ନ ସ୍ଥାନ ଫାଟିବା ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଯାହାକି ପାଚେରିର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ବିଭାଗର ଏପରି କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ତେଣୁ ପାଚେରିଟି ନଷ୍ଟ ହେବା ଆଗରୁ ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକ୍‌ଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଥିଲା। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଆସୁଥିଲେ। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟ ବସାଇବା ସହ ଏବି ସୁଇଚ୍ ମରାମତି କରିବା ଓ ତାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରିବା ଲାଗି ଗ୍ରାମବାସୀ ତଥା ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ।

## ହାଇଲେବୁଲ କେନାଲ ବ୍ରିଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର

ଭଣ୍ଡାରିପୋଖରୀ,୪।୬(ସମିସ): ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବୈତରଣୀ ନଦୀରେ ସଂଯୋଗ ହୋଇଥିବା ହାଇଲେବୁଲ କେନାଲଟି ଆଖୁଆପଦା ଆନିକଟ ଜଗନ୍ନାଥ ପ୍ରସାଦ ନିକଟରୁ ଆରମ୍ଭ ହୋଇ ଭଣ୍ଡାରିପୋଖରୀ ପର୍ଯ୍ୟନ୍ତ ଅବସ୍ଥିତ କେନାଲ ଉପରେ ଥିବା ବ୍ରିଜ୍‌ଗୁଡ଼ିକର ଜଳସମ୍ପଦ ବିଭାଗର ରକ୍ଷଣାବେକ୍ଷଣ ଦାୟିତ୍ୱ ଅବହେଳାକୁ ନେଇ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଜଗନ୍ନାଥ ପ୍ରସାଦ ନିକଟସ୍ଥ ବ୍ରିଜ୍‌ର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଯାଇଥିବା ହେତୁ ଖରା ଦିନେ ଗୋରୁଗାଈମାନେ ବ୍ରିଜ୍ ଉପରୁ ତଳକୁ ଖସି ପଡ଼ି କ୍ଷତିଗ୍ରସ୍ତ ହେଉଛନ୍ତି। ବ୍ରିଜ୍‌ଟି ବହୁ ପୁରାତନ ହୋଇଥିବା ହେତୁ ଉପରିସ୍ଥ ଏରିଆଗୁଡ଼ିକ ଚାରିଆଡ଼େ ଖାଲଖମା ସୃଷ୍ଟି ହୋଇଗଲାଣି। ସେଥିଲାଗି ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ଷା ଦିନେ ସ୍କୁଲ୍ ଓ କଲେଜ ଯିବାଆସିବା ବେଳେ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁଃଖର ବିଷୟ ଏହି ବ୍ରିଜ୍‌ଟି ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ମାତ୍ର ୨୦୦ ମିଟର ବ୍ୟବଧାନରେ ଥିବା ପୋଲଟି ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଗ୍ନ ଅବସ୍ଥାରେ ରହିଛି। ସେଥିପ୍ରତି ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେବା ତ ଦୂରର କଥା ବରଂ ଏହା ଉପରେ ଆଉ ଏକ ବଡ଼ ପାଣି ପାଇପ୍ ଲାଇନ୍ ନିଆଯିବା ପାଇଁ କିପରି ଅନୁମତି ପ୍ରଦାନ କରିଛନ୍ତି। ସେହିପରି ବୟାବନାପୁର ପଞ୍ଚାୟତର ହଳଦିଗଡ଼ିଆ, ବୟାବନାପୁର, ମଠସାହି ଗ୍ରାମ ସମ୍ମୁଖରେ ଥିବା ବ୍ରିଜ୍‌ଗୁଡ଼ିକର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଗଲାଣି। ଏହି ବ୍ରିଜ୍‌ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ହେତୁ ଏଥିପ୍ରତି ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



**Office of the Principal, GVHSS**
**Salandi Higher Secondary School, Uttarabahini**
Po- Garadapur, Dist- Bhadrak, Pin- 756181
Email ID: salandi.principal@gmail.com, Mob: 9439444122

**WANTED GUEST FACULTY!**

A Walk in interview shall be held on 17.06.2026 (Wednesday) for a Guest Faculty in SPEFL at 10:00 AM in the office to engage for the session 2026-27. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification: M.P.Ed.** (Post Graduation in Physical Education from a recognised institution/University with at least 1 year work/teaching experience).

**Sd/- Principal, GVHSS**
**Salandi Higher Secondary School,**
**Uttarabahini, Bhadrak.**

## ଚାଷ ଜମିରେ ତାଳ ମଞ୍ଜି ରୋପଣ ସ୍ୱପ୍ନ ପାଲଟିଛି

# ଲୋକେ ଲଗାଉଛନ୍ତି; ସରକାର ପାରୁନାହାନ୍ତି

ବାରିକପୁର,୪।୬(ସମିସ)

ବୈଶାଖ ମାସଠାରୁ ଭାଦ୍ରବ ମାସ ଯାଏଁ ଓଡ଼ିଶାରେ ବଜ୍ରପାତଜନିତ ଦୈବୀ ଦୁର୍ଘଟଣା ଲାଗି ରହିଥାଏ। ଆକାଶରେ କଳାବାଦଲ ମାଡ଼ିଆସିଲେ ମନରେ ଭୟ ସୃଷ୍ଟି ହୋଇଥାଏ। ବିଜୁଳି, ଘଡ଼ଘଡ଼ି ଯୋଗୁଁ ପ୍ରତ୍ୟେକ ବର୍ଷ ଅକାଳ ମୃତ୍ୟୁ ବୃଦ୍ଧି ପାଉଥିବାବେଳେ ଅନେକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି। ବିଶେଷ କରି ଆଷାଢ଼, ଶ୍ରାବଣ ମାସରେ ଖରିଫ୍ ଧାନ ଚାଷ ଆରମ୍ଭ ବେଳେ ବଜ୍ରପାତ ଘଟି ଅନେକ ଚାଷୀଙ୍କ ଜୀବନ ଯାଉଥିବା ଦେଖାଯାଇଛି। ତେଣୁ ସରକାର ପ୍ରତିକାରସ୍ୱରୂପ ଚାଷ ଜମି ହିଡ଼ରେ ତାଳ ମଞ୍ଜି ରୋପଣ ପାଇଁ ଘୋଷଣା କରିଛନ୍ତି। ପରିତାପର ବିଷୟ ଉକ୍ତ ଘୋଷଣାକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ହେଉ କିମ୍ବା ଚାଷ ଜମି କେଉଁଠି ତାଳ ମଞ୍ଜି ଏଯାଏଁ ରୋପଣ ହୋଇ ନାହିଁ। କିନ୍ତୁ କେତେକ ଗାଁ ଗଣ୍ଡାରେ କିଛି ବ୍ୟକ୍ତି ତାଳ ଗଛ ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇ ସରକାରଙ୍କ ବାଟମାରଣା ଯୋଜନାକୁ ଇଙ୍ଗିତ କରୁଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବିଗତ ବର୍ଷମାନଙ୍କରେ ବିଜୁଳି ମାରି ଅନେକ ବାସଗୃହ ପୋଡ଼ି ପାଉଁଶ ହୋଇଥିବାବେଳେ ଭୟଙ୍କର ବଜ୍ରପାତରେ ମଧ୍ୟ ଚାଷଜମିରେ କାର୍ଯ୍ୟ କରୁଥିବା କିଛି ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ଏହି ସମୟ

### ଯୋଜନା ସମୁଦ୍ରକୁ ଶଙ୍ଖେ



ମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏଭଳି ବଜ୍ରପାତ ଦୁର୍ଘଟଣା ଦେଖିବାକୁ ମିଳିଥାଏ। ତେଣୁ ଏଭଳି ଦୈବୀ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଦୁଇ ବର୍ଷ ହେବ ଯୋଜନା ପ୍ରସ୍ତୁତି କରିଥିବାବେଳେ ତାହା ଏଯାଏଁ ଉକ୍ତ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟକାରୀ ହୋଇନାହିଁ। ବିଶେଷ କରି ଚାଷ ଜମି ହିଡ଼ ସହିତ ବଗିଚା ଓ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ଏହି ତାଳ ମଞ୍ଜି ରୋପଣ ପାଇଁ କୃଷି ଓ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ଘୋଷଣା ହୋଇଥିଲା। ଯଦିଓ ଭଣ୍ଡାରିପୋଖରୀ ହାଟଡିହି ନିକଟସ୍ଥ ୩ ନମ୍ବର ହାଇଲେବୁଲ କେନାଲ ପାଶ୍ୱର୍ରେ କିଛି ତାଳ ମଞ୍ଜି ମାଟିରେ ପୋତାଯାଇଛି ତାହା ସୀମିତ ମାତ୍ର। ମିଛରେ ଏଭଳି କରି କିଛି ଅର୍ଥ ବାଟମାରଣା ହୋଇଥିବାବେଳେ ତାଳ ଗୋଟମା ଲଗାଇବା ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଗତବର୍ଷ ଷ୍ଟେଟ୍ ବ୍ୟାଙ୍କ ଜରିଆରେ କୌଣସି ଘରୋଇ ସଂସ୍ଥା ମାତ୍ର ଶହେ ମିଟର ପରିମିତ ସ୍ଥାନରେ ମଞ୍ଜି ପୋତି ଫଟୋ ଉଠେଇ କାମ ସାରି ଦେଇଛି। ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ତାହା ଗଛ ହୋଇ ନ ଥିବା ଜଣାପଡ଼ିଛି। ଗଛ ଲଗାଇବା କେବଳ କାଗଜକଲମରେ ସୀମିତ ରହିଥିବାବେଳେ ତାଳ ମଞ୍ଜି ରୋପଣ ଯୋଜନା ଏଯାଏଁ କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ଘୋଷଣା କେବଳ ପାଣିର ଗାର ସଦୃଶ ବୋଲି ଜନସାଧାରଣ କହିଛନ୍ତି। ଏପଟେ ଗାଁ ଗଣ୍ଡା ପଥରେ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକମାନେ ତାଳ ମଞ୍ଜି ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇଛନ୍ତି। ଏଭଳି ଚିତ୍ର ମାଳଦା, ଜଳହରି, ଜୋରାଗଡ଼ିଆ, ବାଲିପୋଖରୀ, କୁମ୍ଭାରିଆ, ଷୋଳମପୁର, ନେରଡା, ନାଆମୀ, ଝୁଟଣା, ବନସ୍ତା, ରହଣିଆ, ରାଜେନ୍ଦ୍ରପୁରଠାରେ ଦେଖିବାକୁ ମିଳିଛି। ସବୁଠାରୁ ଦୁଃଖର ବିଷୟ ସରକାରୀ ବିଭାଗ ପାଖରେ ସରକାରଙ୍କ ପ୍ରଣିତ ଯୋଜନାର ରୂପରେଖ ସମ୍ବଳିତ କୌଣସି ନିର୍ଦ୍ଦେଶନାମା ପହଞ୍ଚି ନ ଥିବା ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମୟରେ ସୂଚନା ଦେଇଛନ୍ତି। ଦିନକୁ ଦିନ ବଜ୍ରପାତ ଜନିତ ଚାଷୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଭଳି ଜନହିତକାରୀ ଯୋଜନା କାର୍ଯ୍ୟକାରୀ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

